ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.262 Bhubaneswar Thursday November 30 2023 | ୨୬ତମ ବର୍ଷ ସଂଖ୍ୟା-୨୬୨ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# କଳାହାଣ୍ଡି ଓ ମୟୁରଭଞ୍ଜର ୨ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୯।୧୧(ପି.ଏନ) : କଳାହାଣ୍ଡି ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ଦୁଇଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ । ସେହି ଦୁଇଟି ପ୍ରକଳ୍ପ ହେଉଛି କଳାହାଣ୍ଡି ଜିଲ୍ଲା ମୁରଲିଜୋର ଉପରେ ମୁରଲିଝର ନଦୀଗର୍ଭ ଜଳାଶୟ ପ୍ରକଳ୍ପ ଏବଂ ମୟୁରଭଞ୍ଜ ଗଙ୍ଗାହର ନଦୀ ଉପରେ ଦାମୋଦରପୁର ନଦୀଗର୍ଭ ଜଳାଶୟ ପ୍ରକଳ୍ପ । ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସମୁଦାୟ ୮୬.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିରେ କଳାହାଣ୍ଡି ମୁରଲୀଝର ପ୍ରକଳ୍ପ ପାଇଁ ୪୧.୨୫ କୋଟି, ମୟୁରଭଞ୍ଜ ଦାମୋଦରପୁର ପ୍ରକଳ୍ପ ପାଇଁ ୪୫ କୋଟି ମଞ୍ଜୁର ହୋଇଛି । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି ଓ ମୟୁରଭଞ୍ଜ ଜିଲ୍ଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ



କରିଥିଲେ ।ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଏବଂ ମୟୁରଭଞ୍ଜ ଜିଲ୍ଲା ବଡସାହି ବ୍ଲକର ଜନସାଧାରଣ ଉପକୃତ ହେବେ । ଭୂତଳ ଜଳର ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ।

## ଉତ୍ତରକାଶୀର ଟନେଲରୁ ସୁରକ୍ଷିତ ଭାବେ ଉଦ୍ଧାର ପାଇଥିବା ଶ୍ରମିକଙ୍କୁ ପିସିସି ସଭାପତିଙ୍କ ଶୁଭେଚ୍ଛା

ଭୁବନେଶ୍ୱର ,୨୯।୧୧(ପି.ଏନ): ନିକଟରେ ଉତରାଖଣ୍ଡ ରାଜ୍ୟରେ ଟନେଲ ଦୁର୍ଘଟଣାରୁ ଉଦ୍ଧାର ପାଇଥିବା ସମସ୍ତ ଶ୍ରମିକ ଏବଂ ବିଶେଷ କରି ୫ ଜଣ ଓଡ଼ିଆ ଶ୍ରମିକ ସୁରକ୍ଷିତ ଭାବରେ ଘରକୁ ଫେରିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଏହା ଆଶ୍ୱସ୍ତିକର ବୋଲି କହିଛନ୍ତି । ଭାରତ ନିର୍ମାଣ ଶ୍ରମିକ ଭାଇମାନଙ୍କର ଜୀବନ ରକ୍ଷା ପ୍ରଥମ ଦାୟୀତ୍ୱ । ଦୀର୍ଘ ୧୭ ଦିନ ଧରି ଟନେଲ ଭିତରେ ଫଶିରହି ଜୀବନ ବଂଚାଇବା ପାଇଁ ଉଦ୍ୟମ କରୁଥିବା ଏହି ଭାରତ ନିର୍ମାଣ ଶ୍ରମିକ ଭାଇମାନଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଉଦ୍ଧାର କରିଥିବା ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି ।

# ଆହୁରି ୫ ବର୍ଷ ମିଳିବ ମାଗଣା ଚାଉଳ



ନୂଆଦିଲ୍ଲୀ,୨୯।୧୧(ପି.ଏନ): ବଢ଼ିଲା କେନ୍ଦ୍ର ସରକାରଙ୍କ ମାଗଣା ଚାଉଳ ଯୋଜନା ଅବଧି । ଆହୁରି ୫ ବର୍ଷ ମାଗଣା ଚାଉଳ ଦେବାକୁ ମିଳିଛି କ୍ୟାବିନେଟ୍ ମଞ୍ଜୁରୀ । ଅର୍ଥାତ ୨୦୨୯ ଯାଏଁ ମଗଣା ଚାଉଳ କେନ୍ଦ୍ର ଯୋଗାଇବେ । କେନ୍ଦ୍ର କ୍ୟାବିନେଟ୍ ? ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ।ବୈଠକରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଅବଧିକୁ ଆହୁରି ୫ ବର୍ଷ ଯାଏଁ ବ ?ାଇବାକୁ ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ପ୍ରାୟ ୮୧ କୋଟି ହିତାଧିକାରୀ ଲାଭ ପାଇବେ । ଏଥିପାଇଁ ପ୍ରାୟ ୧୧.୮୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ।

# ଦିନେ ଲୋକଙ୍କ ଗୁହାରୀ ଶୁଣୁଥିଲେ; ଆଜି ସେ ଅସହାୟ, ଦାଦନ ଶ୍ରମିକ

ଭୁବନେଶ୍ୱର,୨୯।୧୧(ପି.ଏନ): ଦିନେ ସେ ଲୋକଙ୍କୁ ଗୁହାରୀ ଶୁଣୁଥିଲେ । ଆଉ ସମାଧାନ କରୁଥିଲେ । ଭୋକିଲାର ପେଟ ଚିହ୍ନି ଖାଇବାକୁ ଦେଉଥିଲେ । ହେଲେ ଆଜି ସେ ଅସହାୟ । ନିଜେ ଭୋକର ଜ୍ୱାଳାରେ ଜର୍ଜରିତ । ପାଲଟି ଯାଇଛନ୍ତି ଦାଦନ ଶ୍ରମିକ । ପେଟ ଚାଖଣ୍ଡକ ପାଇଁ ତାମିଲନାଡୁରେ ଦାଦାନ ଖଟୁଛନ୍ତି । ଏମିତିକା ଜଣେ ଦାଦନ ଶ୍ରମିକ ହେଉଛନ୍ତି ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ୍ ?ର ପୂର୍ବତନ ଅଧକ୍ଷା କାନ୍ତି କୁମ୍ଭାର । ୧୯୯୭ ମସିହାରେ କାନ୍ତି କୁମ୍ଭାରଙ୍କୁ ୧୯ ବର୍ଷ ହୋଇଥିଲା । ସେହି ବର୍ଷ ସେ ପଞ୍ଚାୟତ ନିର୍ବାଚନକୁ ଲମ୍ଫ ମାରିଥିଲେ । ଆଉ କଳାମାଟି ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ । ନିଦ୍ଧରେ ଧନକଉଡା ବ୍ଲକ



ଅଧକ୍ଷା ହୋଇପାରିଥିଲେ । ବ୍ଲକ ଅଧକ୍ଷା ହେବା ପରେ ପ୍ରତିଦିନ ଘରେ ଓ ଅଫିସ୍ ?ରେ ଲାଗୁଥିଲା ଲୋକଙ୍କ ଭିଡ । ଲୋକମାନେ ନିଜର ସମସ୍ୟା ନେଇ ତାଙ୍କ ପାଖକୁ ଆସୁଥିଲେ । ଲୋକଙ୍କ ଅଳି ଅରଦଳି ବୁଝୁବୁଝୁ ସମୟ ବିତି ଯାଉଥିଲା । ବାପା-ମାଆଙ୍କ ବଡ ଝିଅ ହୋଇଥିବାରୁ ଘରର ସବୁ କଥା ମଧ୍ୟ ବୁଝୁଥିଲେ କୁନ୍ତି ।

## ଗୋଟିଏ ବ୍ଲାକ୍‌ବୋର୍ଡରେ ପଢ଼ାଉଛନ୍ତି ଦୁଇ ଜଣ ଶିକ୍ଷକ

ଭୁବନେଶ୍ୱର,୨୯।୧୧(ପିଏନ):ଗୋଟିଏ ରୁମ୍‌ରେ ଚାଲିଛି ଦୁଇଟି କ୍ଲାସ୍ । ଗୋଟିଏ ବ୍ଲାକ୍‌ବୋର୍ଡରେ ପଢ଼ାଉଛନ୍ତି ଦୁଇ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ । ସାର୍ ପିଲାମାନଙ୍କୁ ବିଜ୍ଞାନର ଜଟିଳ ଫର୍ମୁଲା ଶିଖାଉଥିବା ବେଳେ ଦିଦି ପଢ଼ାଉଛନ୍ତି ଇଂଲିଶ । ଏପରି ବିଚିତ୍ର ସ୍କୁଲ ଚାଲିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍‌ର ଦୁର୍ଗମ ଅଞ୍ଚଳରେ । ଶିକ୍ଷା ରୂପକ ଆଲୁଅ ଜଳାଇବା ପାଇଁ କସବସା ସରକାରୀ ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ଏଠାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୧୮୯ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ହେଲେ ଦୁର୍ଭାଗ୍ୟର କଥା ହେଉଛି ୧୦ଟି ଶ୍ରେଣୀର ପିଲାଙ୍କ ପାଇଁ ରହିଛି ମାତ୍ର ୨ଟି ଶ୍ରେଣୀ ଗୃହ । ଦୁଇଟି ଶ୍ରେଣୀ ଗୃହରେ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାମାନେ ବସୁଥିବାବେଳେ ଅଫିସ ଗୃହ ଭିତରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାମାନେ ପାଠ ପ ?ୁଛନ୍ତି । ଆଉ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ ସ୍କୁଲ ବାରଣ୍ଡାରେ ଅତି ଦୟନୀୟ ଅବସ୍ଥାରେ ଥଣ୍ଡା କାକରରେ ତଳେ ବସି ପାଠ ପଢିବା ଦେଖିବାକୁ ମିଳିଛି ।

# ଦ୍ୱିତୀୟ ଦିନରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର କରାଯାଉଛି ଲେଜର ସ୍କାନିଂ

ପୁରୀ,୨୯।୧୧(ପି.ଏନ) : ଦ୍ୱିତୀୟ ଦିନରେ ଶ୍ରୀମନ୍ଦିରରେ ଏଏସଆଇ ଟିମ୍ ଓ ସେନଜେନ କମ୍ପାନୀର ଇଞ୍ଜିନିଅର । ରତ୍ନଭଣ୍ଡାରର କରାଯାଉଛି ଲେଜର ସ୍କାନିଂ । ଗତକାଲି ରତ୍ନଭଣ୍ଡାରର ୩୭ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଥିଲା । ତେବେ ଲାଇଟ କମିବାରୁ ଉତ୍ତର ପାର୍ଶ୍ୱର ସ୍କାନିଂ କରାଯାଇ ପାରିନଥିଲା । ଉତ୍ତର ପଶ୍ଚିମ ଓ ଉତ୍ତର ପୂର୍ବ କୋଣର ଲେଜର ସ୍କାନିଂ ସରିଛି । ସେପଟେ ରତ୍ନଭଣ୍ଡାରର ଅମୁହାଁ ଯୋଡ କାନ୍ଥର ଡକୁମେଣ୍ଟେସନ ସରିଯାଇଛି । ଆଜି ରତ୍ନଭଣ୍ଡାରର ଲେଜର ସ୍କାନିଂ ସାରି ଡକୁମେଣ୍ଟେସନ ସରିବ । ରିଭ୍ୟୁ କରାଯାଇ ରତ୍ନଭଣ୍ଡାରର ବାହାର ପାର୍ଶ୍ୱର ସ୍ଥିତି



ଅନୁଧ୍ୟାନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ରିପୋର୍ଟର କପି ହାଇକୋର୍ଟ ଓ ରାଜ୍ୟସରକାରଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି ଏଏସଆଇ ସୁପରିଟେଣ୍ଡେଣ୍ଟ । ଆଜି ୧୫ଜଣିଆ କମିଟିର ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି ଲେଜର ସ୍କାନିଂ ।

# ୫୦ ପଇସାଠାରୁ ୨୦ ଟଙ୍କିଆ କଏନ ଯାଏଁ ସବୁ ଚାଲୁଛି; ବ୍ୟାଙ୍କ ନନେଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୯।୧୧(ପି.ଏନ): ରାଜ୍ୟର ୩୧୪ ବ୍ଲକରେ ହେବ କଏନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ । ବିଭିନ୍ନ ବ୍ୟାଙ୍କ ଜରିଆରେ ଡିସେମ୍ବରରୁ ଆରମ୍ଭ ହେବ ଏହି କଏନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ । ୩ ମାସ ମଧ୍ୟରେ ସବୁ ବ୍ଲକ୍‌ରେ ବଜାର ସ୍ଥାନରେ ହେବ ଏହି ଏକ୍ସଚେଞ୍ଜ କାର୍ଯ୍ୟକ୍ରମ । ଏଥିରେ ଲୋକମାନେ କଏନ ସହ ମଇଳା ଓ ଚିରାଫଟା ନୋଟ୍ ବଦଳାଇ ପାରିବେ । ଏନେଇ ସୂଚନା ଦେଇଛନ୍ତି ଜଇଓ ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ।ସେ କହିଛନ୍ତି, ଏବେ ବଜାରରେ ପ୍ରଚଳନ ଥିବା ୫୦ ପଇସାଠାରୁ ୨୦ ଟଙ୍କିଆ କଏନ ଯାଏଁ ସବୁ ଚାଲୁଛି ଓ ଲିଗାଲ ଟେଣ୍ଡର । ଏନେଇ ଅଧିକ ସଚେତନତା



ଦରକାର । କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ । ବ୍ୟାଙ୍କରେ ମଧ୍ୟ ଲୋକମାନେ ସେମାନଙ୍କ ପାଖରେ ଥିବା କଏନ ଜମା କରିପାରିବେ । ବ୍ୟାଙ୍କ କଏନ ନେବାକୁ ମନା କରିପାରିବ ନାହିଁ । ଯଦି ବ୍ୟାଙ୍କ କାଏନ ନେବାକୁ ମନା କରୁଛି, ଲୋକେ ଜଇଓ ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା ବ୍ୟାଙ୍କିଙ୍ଗ ଲୋକପାଳରେ ଅଭିଯୋଗ କରିପାରିବେ । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଘରୋଇ ବସ ସଂଘ ଏବଂ ରାଜ୍ୟ ସରକାରଙ୍କ ଆଲୋଚନା ସଫଳ, ଧର୍ମଘଟ ନିଷ୍ପତ୍ତି ପ୍ରତ୍ୟାହାର

ଭୁବନେଶ୍ୱର,୨୯।୧୧(ପି.ଏନ): ବସ ଧର୍ମଘଟ ପ୍ରତ୍ୟାହୃତ । ଅଲ ଓଡିଶା ଘରୋଇ ବସ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଧର୍ମଘଟ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଛି । ବସ ମାଲିକ ସଂଘ ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା ସଫଳ ହୋଇଥିଲା । ବସ ମାଲିକ ସଂଘ ନିଜ ଦାବି ଲିଖିତ ଭାବେ ଦେବେ । ତାପରେ ଆଗକୁ ଆଲୋଚନା ହେବ । ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମର୍ଥନ କରୁଥିବା ବସ ମାଲିକ ସଂଘ ଆସନ୍ତା ୧ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବ ନାହିଁ ବୋଲି କହିଛନ୍ତି । ବୈଠକରେ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ପରିବହନ ସଚିବ, ଯୁଗ୍ମ ସଚିବ, ମୋ ବସର ପ୍ରତିନିଧି ଉପସ୍ଥିତ ଥିଲେ । ଘରୋଇ ବସ ମାଲିକ ସଂଘ ଲକ୍ଷ୍ମୀ ଯୋଜନାକୁ ବିରୋଧ କରୁନାହାନ୍ତି । ବସ ମାଲିକଙ୍କ ଯାହା ଦାବି ଯାହା ଅଛି



ଲିଖିତ ଆକାରରେ ଦିଅନ୍ତୁ ବୋଲି କହିଛନ୍ତି ମନ୍ତ୍ରୀ ଟୁକୁନି ସାହୁ । ଲକ୍ଷ୍ମୀ ଯୋଜନା ଲୋକଙ୍କ ଆର୍ଥିକ ବିକାଶ ଦିଗରେ ସହାୟକ ହେଉଛି । ଆଲୋଚନାରେ ସମସ୍ୟା ସମାଧାନ ହେବ । ଟାୟାର ଟୁରେ ବ୍ଲକରୁ ସଦର ମହକୁମାକୁ ଲକ୍ଷ୍ମୀ ବସ ଗଡ଼ିବାକୁ ଥିବା ବେଳେ କିଛି ରୁଟକୁ ନେଇ ବସ ମାଲିକଙ୍କ ସମସ୍ୟା ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ବସମାଲିକ ମାନେ ଲିଖିତ ଭାବେ ନିର୍ଦ୍ଦିଷ୍ଟ ରୁଟ୍ଟ ନେଇ ସରକାରଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବା ପରେ ନିଷ୍ପତି ନିଆଯିବ । ଲକ୍ଷ୍ମୀ ଯୋଜନାରେ ଟାୟାର ୱାନ, ଟାୟାର-୨, ଟାୟାର-୩ରେ ବସ ଚଳାଚଳ ପାଇଁ ବ୍ୟବସ୍ଥା ହୋଇଛି ।

# ଗଜପତିରେ ଲୋକଙ୍କୁ ସେବା ଦେବାରେ ଟାଟା ପାୱାରର ବିଫଳ: ମେଣ୍ଟେନେସ୍ ନାମରେ ମନ ଇଚ୍ଛା ବିଜୁଳି କଟକରି ଲୋକଙ୍କୁ ଠକା ଯାଉଛି !!!

ପାରଳଖେମୁଣ୍ଡି,୨୯।୧୧(ପି.ଏନ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଟାଟା ପାୱାର ଲୋକଙ୍କ ସେବା ଦେବାରେ ବିଫଳତା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଟାଟା ପାୱାର ମାସରେ କେତେ ଥର ପାୱାର କଟ କରିବା ପାଇଁ ଡାକ ବାଜି ଜନ୍ତ ସାହାଯ୍ୟ ରେ ସହରରେ ଅବଗତ କରାଯାଉଛି । ଏହା କେବଳ ଲୋକ ଦେଖାଣିଆ ଏବଂ ପାୱାର ଖର୍ଚ୍ଚ କୁ ବଳାଇବା ନିମନ୍ତେ ଟାଟା ପାୱାର ଲକ୍ଷ୍ୟ । କହିବାକୁ ଗଲେ ଟାଟା ପାୱାର ର ମେଣ୍ଟେନେସ୍ ଯାହା କି ସମୁଦ୍ର କୁ ସଙ୍କ ? ପାଣି ସଦୃଶ୍ୟ ଭାବେ ଲୋକଙ୍କୁ ଭୁଆଁ ବୁଲେଇବା ଛଡ଼ା ଅନ୍ୟ କିଛି ନୁହେଁ । ଟାଟା ପାୱାର କିଛି କାର୍ଯ୍ୟ ଶୈଳୀରେ ସହରରେ ଅନେକ ସ୍ଥାନରେ କରେଣ୍ଟ ପଲର ଅବସ୍ଥା ଯାହା କି ଲୋକେ ଅଭିଯୋଗ ଆଣିଛନ୍ତି ଯେ କରେଣ୍ଟ ପଲ୍ ରେ ଗଛ ଲତା ମାଳି ଥିବା ଦେଖିବାକୁ ମିଳିଛି ଯାହା କି ଏହା ହେଉଛି ପାରଳଖେମୁଣ୍ଡି ପୌରପରିଷଦ ଅଧିନସ୍ଥ ୱାଡ ନମ୍ବର ୧୧ରେ ସାନ ବ୍ରାହଣ ସାହି ଏବଂ ବୋଡ ବ୍ରାହ୍ମଣ ସାହି ପଛରେ ଯେଉଁ ରାସ୍ତା ରେ ଲାଇଟ୍ ଲାଗିଛି ସେହି କରେଣ୍ଟ ପଲ୍ ରେ ଗଛ ମାଳି ଥିବା ଦେଖିବାକୁ ମିଳିଛି । ଏହି ଗଛ ଯେତିକି ପରିମାଣର ବଢ଼ି ଲତା ବୁଦା ସଦୃଶ ବଢି ଜାଇଛି ତାହା ପାଖାପାଖି ଆନୁମାନିକ ଦେଢ଼ ବର୍ଷରୁ ଦୁଇ ବର୍ଷ ହୋଇଥିବ ବୋଲି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଠାରୁ ସୁଣିବାକୁ ମିଳିଛି । ଏମିତି ସହରରେ ଗୋଟିଏ ସ୍ଥାନ ନୁହେଁ । ଏମିତି ବହୁତ ସ୍ଥାନରେ କରେଣ୍ଟ ପଲ୍ ରେ ଗଛ ମାଳି ଥିବା ଦେଖିବାକୁ ମିଳିଛି ଯାହା କି ପ୍ରତ୍ୟେକ ମାସ ରେ ମେଣ୍ଟେନେସ ପାଇଁ କରେଣ୍ଟ ଦେବା ବନ୍ଦକରି ଯେଉଁ ପ୍ରକାର ଟାଟା ପାୱାର ସାଧାରଣ




ଲୋକଙ୍କୁ ହୋଇରାଣ କରିଥିବା କାର୍ଯ୍ୟକ୍ରମରେ ସାଧାରଣ ଲୋକେ ଆତିଷ୍ଠ ହେଉଛନ୍ତି । ଯାହା କି ଏମିତି କରେଣ୍ଟ ପଲ୍ ରେ ଗଛ ମାଳି ଥିବା ଦ୍ୱାରା ସେହି ଖମ୍ବ ଲାଇଟ୍ ଜଳୁଥିବା ବେଳେ ତାହା ଉପରେ ଗଛ ଲତା ମାଳ ଲାଇଟିଂ ସମାନ ନପଡ଼ି ଅନ୍ଧକାର ମୟ ହେଲେ ସେ ସ୍ଥାନରେ ଚୋର ପଶିବା ପାଇଁ ଏକ ସୁବିଧା ସୁଯୋଗ ଯୋଗାଇ ଦେଉଛି ଟାଟା ପାୱାର । ଯାହା ଫଳରେ ଗାନ୍ଧି ଛକଠାରେ ଗୋଟିଏ ଲୋଣ୍ଡ୍ରୀ ଦୋକାନ ରୁ କିଛି ପଇସା ସହିତ ପିତ୍ତଳ ଇସ୍ତ୍ରୀ ପେଡ଼ି ଚୋରୀ ହୋଇଥିବା ଯୋଗୁ ସେ ମାଲିକ ପୁଲିସ ରିପଟ ଦେଇଥିଲା । ଆଜି ମଧ୍ୟାହ୍ନ ରେ ପାରଳାଖେମୁଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ଏବଂ ଏଠାକାର ବିଷୟରେ ଅନୁସନ୍ଧାନ ମଧ୍ୟ କରୁଥିବା ଦେଖିବାକୁ ମିଳିଛି । ଯାହା କି ମୁଖ୍ୟ ରାସ୍ତା କଡ଼ରେ ସାହି ମାନଙ୍କରେ ଲାଇଟ ଖମ୍ବ ଲାଇଟ୍ ଜଳୁଥିବା ବେଳେ ଲଟାବୁଦା ବଢ଼ାଇ ରଖୁଥିବା ଯୋଗୁଁ ରାତିରେ ଚୋରଙ୍କ ପାଇଁ ସୁବିଧା ସୁଯୋଗ ହେଉଛି ଏହା ସହିତ କିଛି ଯୁବକଙ୍କ ଅନୈତିକ କାର୍ଯ୍ୟ କରିବା ରେ ପ୍ରସୟ ଦେବା ଟାଟା ପାୱାର ବୋଲି ସାଧାରଣ ଲୋକଙ୍କ ଠାରୁ ସୁଣିବାକୁ ମିଳିଛି ।

# ଗଣକବି ସମାଜକୁ ମାର୍ଗଦର୍ଶନ କରାଇଥିଲେ :ରାଜ୍ୟପାଳ

ଭୁବନେଶ୍ୱର,୨୯।୧୧(ପି.ଏନ): ସାହିତ୍ୟ ହେଉଛି ସମାଜର ପ୍ରତିବିମ୍ବ, ପ୍ରତିରୂପ ଓ ପ୍ରତିଛବି । ସମାଜର ପ୍ରତ୍ୟେକ ଦୃଶ୍ୟ ଓ ଘଟଣା ସାହିତ୍ୟରେ ପ୍ରତିଫଳିତ ହୋଇଥାଏ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି ।ଆଜି ଭୁବନେଶ୍ୱର ଜୟଦେବ ଭବନରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୧ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି ଯେ ଗଣକବି ଲୋକପ୍ରିୟ କବି, ମହାନ ସାରସ୍ୱତ ସାଧକ ଓ ସଫଳ ଅଭିନେତା ଭାବରେ ବିପୁଳ ଶ୍ରଦ୍ଧା ଓ ସମ୍ମାନରେ ଅଧିକାରୀ ହୋଇପାରିଥିଲେ । ସେ ନିଜ ସର୍ଜନା ମାଧ୍ୟମରେ ସମାଜକୁ ମାର୍ଗଦର୍ଶନ କରାଇବା ସହ ଉଚ୍ଚତର ଚେତନାର ଉତ୍ପ୍ରେରକ ଥିଲେ । ଓଡ଼ିଆ ଭାଷା ସାହିତ୍ୟର ଶ୍ରୀ ଓ ସମୃଦ୍ଧି ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ସମାଜର ସମସ୍ତଙ୍କର ବିକାଶ ଓ ସମସ୍ତଙ୍କୁ ସମାନ ଅଧିକାର ମିଳିବା ପାଇଁ ତାଙ୍କର ଲେଖନୀ କ୍ରିୟାଶୀଳ ଥିଲା । ମାନନୀୟ ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସର ମୂଳଭିତ୍ତି ବୈଷ୍ଣବ ପାଣିଙ୍କ ରଚନାର ସାକାର ପ୍ରୟୋଗ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି । ଉତ୍ସବରେ ବିଧାୟକ ତଥା ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦର ଅଧ୍ୟକ୍ଷ ତଥା ବିଧାୟକ ପ୍ରତାପ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସ୍ମୃତି ପରିଷଦର ସଂପାଦକ ନିରଞ୍ଜନ ପ୍ରଧାନ, ଉପସଭାପତି ରଜନୀକାନ୍ତ ପରିଡ଼ା ପ୍ରମୁଖ ଗଣକବିଙ୍କ ସର୍ଜନା, ସାଧନା ଓ ସିଦ୍ଧି ସଂପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ ସଂଗୀତଜ୍ଞ ପ୍ରେମ ଆନନ୍ଦଙ୍କୁ ଗଣକବି ସମ୍ମାନ ଓ ପଲ୍ଲୀ ମଙ୍ଗଳ ସାଂସ୍କୃତିକ ସଂସଦକୁ ସମ୍ବର୍ଦ୍ଧିତ କରାଯିବା ସହ ଜୟନ୍ତୀ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲେ । ବିଶିଷ୍ଟ ସଂଚାଳିକା ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୁଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ**
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ବରପୁତ୍ରଙ୍କ ଜନ୍ମମାଟି: ବାଗ୍ମୀ ବିଶ୍ୱନାଥ କରଙ୍କ ଗାଁ ମୂଳବସନ୍ତ



ଓଡ଼ିଶାର ସୃଜନଶୀଳ ସାହିତ୍ୟ ଓ ଭାଇଚାରା ବନ୍ଧନୀ ଭିତରେ ବଡ଼ ମୂଳକ ହେଉଛି ମୂଳବସନ୍ତ ଗ୍ରାମ। ଏହି ଗ୍ରାମରେ ବରପୁତ୍ରଙ୍କ ଜନ୍ମମାଟି ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ଅଞ୍ଚଳର ଜନନେତା, ଲୋକପ୍ରତିନିଧି ଓ ଗାଁ ମାଟିର ପୁଅ ମନ୍ତ୍ରୀ ପ୍ରତାପ ଜେନା ନବୀନବାବୁଙ୍କ ସ୍ୱଚ୍ଛ ଶାସନର ଉତ୍ତରଦାୟିତ୍ୱ ରଖିବା ସହ ସମସ୍ତ ନିଷ୍ଠା ପାଳନ କରୁଛନ୍ତି ଏହା କମ ବଡ଼ କଥା ନୁହେଁ। ଓଡ଼ିଶା ସାହିତ୍ୟ ଓ ସାଂସ୍କୃତିକ ଚେତନାର ପ୍ରଜ୍ଞାପୀଠ କଟକ ଜିଲ୍ଲାରେ ମାହାଙ୍ଗାର ଅନେକ ସାହିତ୍ୟିକ, ଲେଖକ ଓ କବି ଓଡ଼ିଆ ଭାଷା ସାହିତ୍ୟକୁ ବୁଦ୍ଧିମନ୍ତ ଓ ରୁଚିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ ମୂଳବସନ୍ତ ଗ୍ରାମର ସଂସ୍କାରକ ବାଗ୍ମୀ ବିଶ୍ୱନାଥ କର ଅନ୍ୟତମ। ୧୮୬୪ ଡିସେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ସେ। ନାରାୟଣଚନ୍ଦ୍ର କର ଓ ବୈଦେହୀଙ୍କ ବଡ଼ ପୁଅ ବିଶ୍ୱନାଥ ଗ୍ରାମ ଚାଟଶାଳୀରେ ଅବଧାନଙ୍କ ଠାରୁ ବାଲ୍ୟ ଶିକ୍ଷା ଗ୍ରହଣ କରଥିଲେ। ଏହାପରେ ନିକଟସ୍ଥ ଭାକୁଡ଼ ଗ୍ରାମ ସଂସ୍କୃତ ପାଠଶାଳା ଓ ପରେ କୁଆଁପାଳର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୮୮୨ ମସିହାରେ ଉଚ୍ଚଶିକ୍ଷା ପାଇଁ ସେ କଟକ ପ୍ୟାରୀମୋହନ ଏକାଡେମୀରେ ନାମ ଲେଖାଇଥିଲେ। ସେଠାରେ ଜଣେ ଶିକ୍ଷକଙ୍କ ଆଚରଣର ପ୍ରତିବାଦ କରି ବିଶ୍ୱନାଥ ମିସନ ସ୍କୁଲରେ ପାଠ ପଢ଼ିଥିଲେ। ମିସନ ସ୍କୁଲରେ ସେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଅସଫଳ ହେବାରୁ ୧୮୮୫ ମସିହାରେ ସେ ବିଦ୍ୟାଳୟ ପରିତ୍ୟାଗ କରିଥିଲେ। ଏହା ସହିତ ତାଙ୍କ ଶିକ୍ଷାରେ ଡୋରି ବନ୍ଧା ହୋଇଥିଲା। ତେବେ ଅଧ୍ୟୟନ ସମୟରେ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ବ୍ୟକ୍ତିତ୍ୱ, ସତ୍ୟନିଷ୍ଠ ଆଚରଣ ତାଙ୍କୁ ଅନୁପ୍ରାଣୀତ କରିଥିଲା। ଏହି ସମୟରେ ସେ ଭକ୍ତକବି ମଧୁସୁଦନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ମଧୁସୁଦନ ରାଓ, ସାଧୁଚରଣ ରାଏ, ଚତୁର୍ଭୁଜ ପଟ୍ଟନାୟକଙ୍କ ସହ ବ୍ରହ୍ମ ସମାଜର ପ୍ରମୁଖ ବ୍ୟକ୍ତିଙ୍କ ସଂସ୍କାରଧର୍ମୀ କାର୍ଯ୍ୟରେ ବିଶ୍ୱନାଥ ଅନୁପ୍ରାଣିତ ହୋଇଥିଲେ। କିଛିବର୍ଷ ସେ ଜଗତ୍‌ସିଂହପୁର ଓ କଟକରେ ଶିକ୍ଷକତା କରିବା ସହ ସମାଜ ସଂସ୍କାର କାର୍ଯ୍ୟ କରିଥିଲେ। ୧୮୯୭ ମସିହାରେ ବିଶ୍ୱନାଥ ଉତ୍କଳ ସାହିତ୍ୟ ନାମକ ପତ୍ରିକା ପ୍ରକାଶ କରିବା ସହ ଏହାର ପ୍ରତିଷ୍ଠାତା ସମ୍ପାଦକ ହୋଇଥିଲେ। ପରେ ସେ ଉତ୍କଳା ସାହିତ୍ୟ ପ୍ରେସ ସ୍ଥାପନ କରଥିଲେ। ସମାଲୋଚକ, ସୁସାହିତ୍ୟିକ, ସୁବକ୍ତା ଓ ପ୍ରାବନ୍ଧିକ ଭାବେ ବିଶ୍ୱନାଥ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ଦ୍ୱାରା ରଚିତ ବିବିଧ ପ୍ରବନ୍ଧରେ ଅନେକ ପ୍ରବନ୍ଧ ସ୍ଥାନିତ ହୋଇଥିଲା। ବିଶ୍ୱନାଥଙ୍କ ବହୁମୁଖି ପ୍ରତିଭାକୁ ଦେଖି ଇଂରେଜ ସରକାର ତାଙ୍କୁ 'ରାୟ ସାହେବ' ଉପାଧି ପ୍ରଦାନ କରିଥିଲେ। ମାତ୍ର ସେ ଏହି ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସମାଜର କୁସଂସ୍କାର ଦୂର କରିବା ପାଇଁ କାର୍ଯ୍ୟ କରିବା ସହିତ ପତ୍ରିକା ମାଧ୍ୟମରେ ସେ ଏହାର କଡ଼ା ସମାଲୋଚନା କରୁଥିଲେ। ଏହି ମହାମନିଷୀଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ଜନ୍ମମାଟିରେ ବାଗ୍ମୀ ବିଶ୍ୱନାଥ ବିଦ୍ୟାନିକେତନ ନାମରେ ଏକ ଉଚ୍ଚବିଦ୍ୟାଳୟ ସ୍ଥାପନ କରାଯାଇଛି। ଜନ୍ମପୀଠ 'ମୂଳବସନ୍ତ' ଗ୍ରାମ ନାମରେ ପଞ୍ଚାୟତର ନାମକରଣ କରାଯାଇଛି। ଏହି ଗାଁର ଜନସଂଖ୍ୟା ଦୁଇ ହଜାରରୁ ଅଧିକ। ସରକାରଙ୍କ ସ୍ୱଚ୍ଛ ପ୍ରଶାସନ ପାଇଁ ଏଠାରେ ରାସ୍ତାଘାଟ ଠିକ୍ ରହିଛି ଏବଂ ପ୍ରତି ଗାଁକୁ ପାନୀୟ ଜଳ ପ୍ରକଳ୍ପରେ ପାଇପ ବିଛା ଯାଇଛି। ଏଠାରେ ପ୍ରଧାନଶିକ୍ଷକ ଥିଲେ ମଧ୍ୟ ଅନ୍ୟ ଏକ ବିଦ୍ୟାଳୟରୁ ସପ୍ତାହରେ ତିନି ଦିନ ଶିକ୍ଷାଦାନ ପାଇଁ ଯାଉଛନ୍ତି। ବିଦ୍ୟାଳୟରେ ଅନ୍ୟ ତିନଟି ବିଷୟର ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟର ତିନିଟି ପିଅନ ପଦ ଖାଲି ଥିବାରୁ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖାଯାଉଛି। ଏହାଛଡ଼ା ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶୌଚାଳୟ ନଥିବାରୁ ଛାତ୍ରଛାତ୍ରୀ ଅସୁବିଧାରେ ପଡୁଛନ୍ତି। ବିଦ୍ୟାଳୟ ପରିସର ଓ ନିକଟସ୍ଥ ଖେଳ ପଡ଼ିଆରୁ ଠିକ୍ ଭାବେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ହେଲେ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗିବା ସହ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଭାଇଚାରା ଭିତରେ ରାଜନୀତି ବଡ଼ କଥା ନୁହେଁ ଆମେ ସମସ୍ତେ ହେଉଛି ଅମୃତର ସନ୍ତାନ ଏବଂ ଆମ ଗାଁ ମାଟି ମୂଳକ ପାଇଁ ସାମଗ୍ରୀକ ଭାବେ ଯେତିକି ପାରିବା ଅବଦାନ ରଖିବା ଏହା ହିଁ ହେବ ଆମ ମାଆ ମାଟି ମୂଳକ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# ଜିଲ୍ଲା କଂଗ୍ରେସର ଜରୁରୀ ବୈଠକ

ରାଉରକେଲା (ପିଏନ୍): ଜିଲ୍ଲା କଂଗ୍ରେସ ସଭାପତି ଦଳ ଛାଡିବା ପରେ ସମ୍ପ୍ରତି ଜିଲ୍ଲା କଂଗ୍ରେସର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସର ଏକ ଜରୁରୀ ବୈଠକରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା, ପିସିସି ସଭ୍ୟ, ବ୍ଲକ୍ କଂଗ୍ରେସ ସଭାପତି ବୃନ୍ଦ ତଥା ବିଭିନ୍ନ ସାମ୍ମୁଖ୍ୟ ଓ ବିଭାଗର ମୁଖ୍ୟମାନେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ବରିଷ୍ଠ ଉପସଭାପତି ଶ୍ରୀ ବିହାରୀ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ପିସିସି ସଭାପତିଙ୍କ ସହ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ରାଉରକେଲା ଓ ରଘୁନାଥପାଲ୍ଲୀର ଦୁଇ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ଶ୍ରୀ ବିହାରୀଙ୍କୁ ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି କୁହାଯାଇଛି । ଏହି ବୈଠକରେ ଯେଉଁ କଂଗ୍ରେସ କର୍ମକର୍ତ୍ତାମାନେ ଅଦ୍ୟାବଧି ସଭ୍ୟ ସଂଗ୍ରହ ପୁସ୍ତିକା ସଭ୍ୟ ସଂଗ୍ରହ ପରେ ଦାଖଲ କରିନାହାନ୍ତି ସେମାନେ ତୁରନ୍ତ ସେଗୁଡିକୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ସଭ୍ୟ ସଂଗ୍ରହ ଦାୟିତ୍ୱରେ ଥିବା ଅନ୍ୟତମ ଉପସଭାପତି ସନ୍ତୋଷ ବିଶ୍ୱାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି । ରାଉରକେଲାର ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ଆଲୋଚନା କରାଯିବା ସହିତ ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପୂର୍ବପରି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ ଓ ତୁଳସୀ ନାଗ, ରାଜେଶ ଟପ୍ପୋ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ଶଙ୍କର ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ବ୍ଲକ୍ କଂଗ୍ରେସ ସଭାପତି ଜାଫୁର ନୁମାନ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରତାପ ବେହେରା, ରଘୁନାଥ ଦାସ, ବିଜୟ ଆପଟ, ରାଜେନ୍ଦ୍ର ରଜାକ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଜିଲ୍ଲା କଂଗ୍ରେସ ସମ୍ପାଦକ ସୁନୀଲ ସିଂ, ପ୍ରତିମା ପାଣିଗ୍ରାହୀ, କଳ୍ପତରୁ ପଣ୍ଡା, ରତିକାନ୍ତ ମଲ୍ଲିକ, ରୁକସାନା ବେଗମ, ବରିଷ୍ଠ ନେତା ବିନୋଦ ପଟ୍ଟନାୟକ, ରେହେମାନ ଖାନ, ଦିଲ୍ଲୀପ ଜେନା, ଝୁନୁ ପଟ୍ଟନାୟକ, ଶ୍ୟାମେନ୍ଦ୍ର ମାହାତୋ ଓ ଭାସ୍କର ଖିଲ୍ଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଏହି ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ସମର୍ଥନ ଜଣାଇଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଜିଲ୍ଲା କ୍ରୀଡା ସଂସ୍ଥାର ନୂତନ ମଞ୍ଚ ଲୋକାର୍ପିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଷ୍ଟାଡିୟମଠାରେ ଏକ ସୁଦୃଶ୍ୟ ନବନିର୍ମିତ ମଞ୍ଚକୁ ଜିଲ୍ଲାର କ୍ରୀଡାପ୍ରେମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି ଷ୍ଟିଲ କାରଖାନା ପକ୍ଷରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ମଞ୍ଚର ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର,ଏମ୍‌ଏସ୍‌ପି ଷ୍ଟିଲ ଆଇରନ କାରଖାନାର ସିଇଓ ଇଂ ଦେବବ୍ରତ ସ୍ୱାଇଁ, ସିନିୟର ଜିଏମ ସଂଜୟ ସାହୁ, ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସଂପାଦକ ଡ଼ା ଜନାର୍ଦ୍ଦନ ଦାଶ, ବରିଷ୍ଠ ଆଇନଜୀବି ଅଶ୍ୱିନୀ ପଟ୍ଟନାୟକ ଅତିଥି ଭାବରେ ଉପସ୍ଥିତ ରହି କମ୍ପାନୀ କର୍ତ୍ତୃପକ୍ଷଙ୍କ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟର ପ୍ରଶଂସା କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏମ୍‌ଏସ୍‌ପି ବ୍ଲୁ ଏବଂ ଏମ୍‌ଏସ୍‌ପି ରେଡ୍ ମଧ୍ୟରେ ଆୟୋଜିତ ହୋଇଥିଲା। ବିଶ୍ୱମ୍ଭର ମହାକୁଡ, ଯଶୋବନ୍ତ ପାତ୍ର ଅମ୍ପାୟାରିଂ କରିଥିବାବେଳେ ସତ୍ୟନାରାୟଣ ସିଂ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଖେଳାଳୀ,କ୍ରୀଡାବିତମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଏସପି ଷ୍ଟିଲ କାରଖାନାର ଉପସଭାପତି ବସନ୍ତ ସାହୁ, ସିନିୟର ଜିଏମ (ଏଚ୍‌ଆର) ରଂଜନ କୁମାର ଜେନା, ପରିଚାଳକ ଶିଶିର ପାତ୍ର, ଡିଜିଏମ୍ ନିହାର ରଂଜନ ପାତ୍ର, ବରିଷ୍ଠ ପରିଚାଳକ(ସିଭିଲ) ସୁବାସ ଦାଶ, ଅର୍ପିତ ପଟ୍ଟନାୟକ, ବିଦ୍ୟାଧର ରାୟ, ହୃଦାନନ୍ଦ ଦାଶ, ଜଗନ୍ନାଥ ଲାଏକ, ଭୀମସେନ ସେଠୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ପୁସ୍ତକ ବଣ୍ଟନ ଓ ବୃକ୍ଷରୋପଣ

ଯାଜପୁର (ପିଏନ୍): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ଗ୍ରାମାଞ୍ଚଳ ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଉପାଦେୟ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଭେଲଙ୍କଠାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍ତମ ଭବିଷ୍ୟତ ଗଠନ ନିମିତ୍ତ ଦିଗଦର୍ଶନ ପ୍ରଦାନ କରାଯାଇ ସର୍ବଶେଷରେ ପରିବେଶ ସୁରକ୍ଷା ନିମିତ୍ତ ବିଦ୍ୟାଳୟ ପ୍ରାଙ୍ଗଣରେ ଫଳବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ବରିଷ୍ଠ ନାଗରିକ ସଂଘର ସଂପାଦକ ପ୍ରବୋଧ କୁମାର ନାୟକ, ସଭ୍ୟ ଉଦୟ ନାରାୟଣ ପରିଡ଼ା, ଦେବେନ୍ଦ୍ର କୁମାର ନାୟକ, ଧନଞ୍ଜୟ କେଶରୀ ରାଉତରାୟ, ଗୋପିନାଥ ସେଠୀ, ବୃନ୍ଦାବନ ମିଶ୍ର, ମଧୁସୁଦନ ମହାନ୍ତି, ନବକିଶୋର ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିୟୁସ୍ ରଂଜନ ମହାନ୍ତି ଓ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ। ସ୍ଥାନୀୟ ସମାଜସେବୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ମା' ଦକ୍ଷିଣ କାଳୀଙ୍କ ଶକ୍ତିପୀଠ କୋଲକାତା



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସେ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ପୃଥିବୀରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦି ଶକ୍ତିପୀଠଗୁଡ଼ିକ ମଧ୍ୟରେ କାଳୀଘାଟର କାଳୀ ମନ୍ଦିର ପୀଠ ଅନ୍ୟତମ। ହୁଗୁଳି ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ସାରା ପୃଥିବୀରେ ପ୍ରସିଦ୍ଧ। ଏହି ମନ୍ଦିର ସଂଲଗ୍ନ ଘାଟ କାଳୀଘାଟ ନାମରେ ବିଖ୍ୟାତ। ପୂର୍ବକାଳରେ ଗଙ୍ଗାଘାଟ ମନ୍ଦିର ସହିତ ଏକଦମ ଲାଗି ରହିଥିଲା। କିନ୍ତୁ ଏବେ ଏହା ଟିକେ ଦୂରରେ ରହିଛି। ଏହି ମନ୍ଦିର୧୭ଶ ଶତାବ୍ଦୀର ବୋଲି କୁହାଯାଉଛି। କାଳୀଘାଟ କାଳୀ




ମନ୍ଦିରର ଅନେକ ବିଶେଷତ୍ୱ ରହିଛି। କାଳୀଘାଟରେ ମା' ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଳି ପଡ଼ିଥିଲା। ପୁରାଣରେ କାଳୀଙ୍କୁ ଶକ୍ତିର ରୌଦ୍ରାବତାର ଭାବେ ପୂଜା କରାଯାଏ ଓ ପ୍ରତିମା ବା ମୂର୍ତିରେ ଦେବୀଙ୍କୁ ବିକଟାଳ ରୂପରେ ଦେଖାଯାଏ। ବେକରେ ମୁଣ୍ଡମାଳ ଓ ଅଂଟାରେ କଟା ହାତର ଘାଘରା ପିନ୍ଧିବା, ଗୋଟିଏ ହାତରେ ରକ୍ତଲଗା ଖଡ୍ଗ ଓ ଅନ୍ୟ ହାତରେ ଖପ୍ପର ଧାରଣ କରି ଶୋଇଥିବା ଭଗବାନ ଶଙ୍କରଙ୍କ ଉପରେ ଛିଡ଼ା ହୋଇ ଲମ୍ବା ଜିଭ ଦର୍ଶା ଯିବା ଦେଖାଯାଏ। କିନ୍ତୁ କାଳୀଘାଟ ମନ୍ଦିରରେ ଦେବୀଙ୍କ ପ୍ରତିମାରେ ମା'କାଳିକା ଙ୍କ ମସ୍ତକ ଓ ଚାରି ହାତ ଦେଖାଯାଏ। ଏହି ପ୍ରତିମା ଏକ ଚତୁର୍ଭୁଜ ଆକାରର କଳା ପଥରରେ ତିଆରି କରାଯାଇଛି। ଏଠାରେ ଲାଲ୍ ବସ୍ତ୍ର ପିନ୍ଧିଥିବା ମା'କାଳୀଙ୍କ ଜିଭ ବହୁତ ଲମ୍ବା, ଯାହା ସୁନାରେ ତିଆରି ହୋଇଛି। ସେହିପରି ମା'ଙ୍କର ସୁନାର ଦାନ୍ତ। ଆଖି ତଥା ମୁଣ୍ଡ ଗେରୁଆ ସିନ୍ଦୁର ରଙ୍ଗର ହୋଇଥିବା ବେଳେ ମଥାରେ ମଧ୍ୟ ଗେରୁଆ ସିନ୍ଦୁରର ତିଳକ ରହିଛି। ମା'ଙ୍କ ପ୍ରତିମାର ହାତ ସ୍ୱର୍ଣ୍ଣ ଅଳଙ୍କାର ଓ ବେକ ଲାଲ୍ ଫୁଲର ମାଳାରେ ସୁସଜ୍ଜିତ। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସହିତ ସିନ୍ଦୁର ମଧ୍ୟ ଦିଆଯାଏ।



କାଳୀଘାଟ କାଳୀ ମନ୍ଦିରର ଅପୂର୍ବ ପରମ୍ପରା ରହିଛି। ବଙ୍ଗଳାରେ କାଳୀପୂଜା ଦିନ ଯେଉଁଠି ଘର ଓ ମଣ୍ଡପରେ କାଳୀଙ୍କ ଆରାଧନା କରାଯାଏ, ସେଠାରେ ଏହ ଶକ୍ତିପୀଠରେ ଲକ୍ଷ୍ମୀସ୍ୱରୂପା ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ଦୁର୍ଗାପୂଜା ବେଳେ ଷଷ୍ଠି ରୁ ଦଶମୀ ଯାଏ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗିରହେ। ଦୁର୍ଗାପୂଜା ସମୟରେ ଦଶମୀ ତିଥିରେ ହିଁ ମହିଳା ମାନଙ୍କ ପାଇଁ ସିନ୍ଦୁର ଖେଳର ଭବ୍ୟ ଆୟୋଜନ ହୋଇଥାଏ। ଏହି ଲକ୍ଷ୍ମୀ ମନ୍ଦିରରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କେବଳ ମହିଳା ମାନେ ପ୍ରବେଶ କରିବାର ସୁଯୋଗ ପାଆନ୍ତି। ଏହି ସମୟରେ ପୁରୁଷ ମାନଙ୍କର ମନ୍ଦିର ପ୍ରବେଶ ସଂପୂର୍ଣ୍ଣ ନିଷେଧ ରହିଥାଏ। ଏଠାରେ ପ୍ରତିଦିନ ମା'କାଳୀଙ୍କ ପାଇଁ ଛପନ ଭୋଗ ଲଗା ଯିବାର ବ୍ୟବସ୍ଥା ରହିଛି। ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

ଦକ୍ଷିଣେଶ୍ୱର କାଳୀ ମନ୍ଦିର ଗଙ୍ଗାର ପୂର୍ବ ତଟରେ ଅବସ୍ଥିତ। ଏହା ମା'କାଳୀଙ୍କର ଏକ ଭବ୍ୟ ମନ୍ଦିର ଭାବେ ଖ୍ୟାତ। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ୧୮୪୭ ଶତାବ୍ଦୀରେ ଆରମ୍ଭ ହୋଇଥିଲା। କୁହାଯାଏ ଯେ, ଜାନ୍ ବଜାରର ମହାରାଣୀଙ୍କୁ ସ୍ୱପ୍ନରେ ମା'କାଳୀ ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଏହି ଭବ୍ୟ ମନ୍ଦିରରେ ମା'ଙ୍କର ମୂର୍ତି ଶ୍ରଦ୍ଧାର ସହ ସ୍ଥାପିତ ହୋଇଛି। ୧୮୫୫ ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେଇଥିଲା। ଏହି ମନ୍ଦିର ୨୫ ଏକର ଜମି ଉପରେ ଅବସ୍ଥିତ। ଦକ୍ଷିଣେଶ୍ୱର ମା'କାଳୀ ମନ୍ଦିରର ଭିତର ଭାଗରେ ରୂପାରେ ତିଆରି ଏକ ପଦ୍ମ ଫୁଲ ଭିତରେ ରହିଛି ଏକ ହଜାର ପାଖୁଡ଼ା, ଯାହାର ଅପରୂପ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଜମେ। ଏହି ପଦ୍ମ ଫୁଲ ଉପରେ ମା'କାଳୀ ନିଜ ଅସ୍ତ୍ରଶସ୍ତ୍ର ଧରି ଭଗବାନ ଶିବଙ୍କ ଉପରେ ଛିଡ଼ା ହୋଇଥିବା ଦେଖାଯାଏ। ମା'କାଳୀଙ୍କ



ମନ୍ଦିର ନବରତ୍ନ ଭଳି ନିର୍ମିତ ହୋଇଛି। ଏହାର ଓସାର ୪୬ ଫୁଟ ଓ ଉଚ୍ଚତା ୧୦୦ଫୁଟ। ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ୧୨ ଟି ଗମ୍ବୁଜ ରହିଛି। ଏହି ବିଶାଳ ମନ୍ଦିରର ଚାରିପାଖରେ ଭଗବାନ ଶିବଙ୍କର ୧୨ ଟି ମନ୍ଦିର ସ୍ଥାପିତ ହୋଇଛି। ମା'କାଳୀଙ୍କ ମନ୍ଦିର ବିଶାଳ ସୌଧ ଭଳି ମଜଭୁତ ଚଟାଣ ଉପରେ ରହିଛି।

ଦୁର୍ଗାପୂଜା ବେଳେ କୋଲକାତାର କାଳୀଘାଟ ଓ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ସେଥିପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'ଙ୍କ କାଳୀପୂଜା ବେଳେ କୋଲକାତା ଆସିଥାନ୍ତି। ନବରାତ୍ରିରେ ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

## ବନୀକରଣ ପାଇଁ ଅଣ୍ଟା ଭିଡ଼ିଲେ ଦୃଷ୍ଟିବାଧିତ ବିଦ୍ୟାର୍ଥୀ



ଭୁବନେଶ୍ୱର (ପିଏନ୍): ସେମାନେ ଦୁନିଆକୁ ଦେଖିପାରନ୍ତି ନାହିଁ କିନ୍ତୁ ଦୁନିଆକୁ ଆଲୋକିତ କରିବା ପାଇଁ ସେମାନଙ୍କ ମନ ଓ ହୃଦୟରେ ଦୃଢ ମନୋବଳ, ଆଗ୍ରହ, ଅମାପ ଆତ୍ମବିଶ୍ୱାସ ଓ ପ୍ରୟାସର ଭରପୁର ଶକ୍ତି ରହିଥାଏ, ଯାହା ଦେଖିବାକୁ ମିଳିଛି ଭୁବନେଶ୍ୱର କଳିଙ୍ଗ ନଗରଠାରେ ଆୟୋଜିତ ସିଡ୍‌ସବଲ୍ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ। ସେମାନେ ସବୁଜ ବଳୟକୁ ଦେଖିପାରୁ ନଥିଲେ ମଧ ଉଜୁଡ଼ା ପରିବେଶକୁ ସବୁଜିମା ଭରା କରିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ସହ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି କିଛି ଦୃଷ୍ଟିବାଧିତ ବିଦ୍ୟାର୍ଥୀ। ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସର୍ବମୋଟ ୧୫ଜଣ ଦୃଷ୍ଟିବାଧିତ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ମାଟି, ଜୈବିକ ସାର, ମଞ୍ଜିକୁ ବ୍ୟବହାର କରି ପ୍ରାୟ ୧ ଘଣ୍ଟା ମଧରେ ପାଖାପାଖି ୧ ହଜାର ସିଡ୍‌ସ୍‌ବଲ ପ୍ରସ୍ତୁତ କରିପାରିଛନ୍ତି। ଉଜୁଡ଼ି ଯାଇଥିବା ସବୁଜିମାକୁ ପୁଣିଥରେ ସବୁଜିମାମୟ କରିବା ପାଇଁ ସିଡ୍‌ସବଲ ପ୍ରକ୍ରିୟା ହେଉଛି ଏକ ସହଜ, ସରଳ ମାଧ୍ୟମ। ସ୍ୱଳ୍ପଖର୍ଚ୍ଚ ଓ କମ୍ ପରିଶ୍ରମରେ ପ୍ରଭାବୀ ବନୀକରଣ ଏହାଦ୍ୱାରା ସମ୍ଭବ ହୋଇପାରିଥାଏ। ପ୍ରସ୍ତୁତ ସିଡ୍‌ସ ବଲଗୁଡ଼ିକୁ ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଜଙ୍ଗଲର ଖାଲିଥିବା ସ୍ଥାନରେ ବର୍ଷାଋତୁ ଆସିବା ପୂର୍ବରୁ ପକାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ସାମିଲ୍ କରାଯିବାର ଲକ୍ଷ୍ୟ ରହିଛି ବୋଲି ସୁଶାନ୍ତ କହିଛନ୍ତି। ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଫୁଲନଖରା, (ସବ୍ୟୁ)-ସଦର ଥାନା ଅନ୍ତର୍ଗତ ମହୀଧରପଡ଼ା ସରକାରୀ ନୋଡ଼ାଲ ହାଇସ୍କୁଲରେ ବାରଙ୍ଗ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ନିଆଳି ବିଧାୟକ ଡା. ପ୍ରମୋଦକୁମାର ମଲିକ ମୁଖ୍ୟ ଅତିଥିଭାବେ ଉଦଘାଟନ କରିଥିଲାବେଳେ ବିଡ଼ିଓ ପ୍ରଭାକର ପଣ୍ଡା, ଅତିରିକ୍ତ ବିଡ଼ିଓ ବିଜୟକେତନ ଚୌଧୁରୀ, ଜିଲା ବିଜେଡ଼ି ସମ୍ପାଦକ ଅକ୍ଷୟ ମହାନ୍ତି, ବ୍ଲକ ସଭାପତି ଗୋଲେଖ ପାତ୍ର, ଯୁବ ବିଜେଡ଼ି ସଭାପତି ଶଶିଭୂଷଣ ଦାଶ, ବିପ୍ଲବ ଯାଦବ, ସରପଞ୍ଚ ନରୋତ୍ତମ ଦାସ, ସରପଞ୍ଚ ପଦ୍ମିନୀ ପ୍ରଧାନ, ସରପଞ୍ଚ ସରୋଜ ମହାପାତ୍ର, ସମିତି ସଭ୍ୟ ବେଣୁଧର ମୂଳିଆ, ବିରାଜିନୀ ସାମଲ, ବିଶ୍ୱରଂଜନ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ସରୋଜ ସାହୁ, ଲକ୍ଷ୍ମୀଧର ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ବିଜୟ କେଶରୀ ମହାପାତ୍ର, ଲଳିତକୁମାର ଦାଶ, ଅଶୋକ ରଥ, ସାଧନା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଡାକ୍ତର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ ହୋଇଥିଲା। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଛାୟତ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ ଶିବିର ପରିଚାଳନା କରିଥିଲା ବେଳେ ସ୍ୱାସ୍ଥ୍ୟ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ସହଯୋଗ କରିଥିଲେ।

# ଓଡିଆ ସଂସ୍କୃତି ଜଗତର କାଳଜୟୀ ପୁରୁଷ ପ୍ରଫୁଲ୍ଲ କରଙ୍କ ବିୟୋଗରେ ସିପିଆଇଏମ୍ ପକ୍ଷରୁ ଗଭୀର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଓଡିଶା ସଂସ୍କୃତି ଜଗତର ଖ୍ୟାତନାମା ବିନ୍ଧାଣି, ଗାୟକ, ଗୀତିକାର, ସଂଗୀତ ନିର୍ଦ୍ଦେଶକ ତଥା ଲେଖକ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଓଡିଶା ପ୍ରଗତିଶୀଳ ସାହିତ୍ୟ ଓ ସଂଗୀତ କ୍ଷେତ୍ରରେ ପ୍ରଫୁଲ୍ଲ କରଙ୍କର ଅନବଦ୍ୟ ଅବଦାନ ପାଇଁ ଆମ ସମସ୍ତଙ୍କ ପ୍ରିୟ (ପ୍ରଫୁଲ୍ଲ ଭାଇନା) ପ୍ରତ୍ୟେକ ଓଡିଆଙ୍କ ପାଇଁ ଚିରସ୍ମରଣୀୟ । ବାମପନ୍ଥୀ ଆନ୍ଦୋଳନର ନିକଟତମ ବନ୍ଧୁ ଓ ଦରଦୀ ଭାବେ ସେ ଥିଲେ ଆମ ସମସ୍ତଙ୍କ ପ୍ରିୟ ପ୍ରଫୁଲ୍ଲ ଭାଇନା । ଶାସ୍ତ୍ରୀୟ, ଆଧୁନିକ, ଭଜନ ସହ ସମାଲୋଚନା ଧର୍ମ, ଶୋଷଣ ନିଷ୍ପେସନ ବିରୋଧୀ ସଂଗୀତ ସଂରଚନା ଇତ୍ୟାଦି ଗାୟନକୁ ଭିନ୍ନ ରୂପରେ ସଜାଇବା ଦିଗରେ ପ୍ରଫୁଲ୍ଲ କରଙ୍କ କୃତି ଫଳରେ ଓଡିଶା କାହିଁକି, ଦେଶ ବିଦେଶରେ ଓଡିଆ ଗୀତ ସଂଗୀତ କୁ ପରିଚିତ କରି ପାରିଥିଲେ । "ତେଲର ଶିଶି ଭାଙ୍ଗି ଦେଲି ବୋଲି ମାଡ ଦେଲୁ ମା", "ବହି ଯାଏରେ ଗଙ୍ଗା ଉଡେ ତିରଙ୍ଗା. "ଜାଗ ଜାଗରେ ସାଥୀ ଗାଇ ଜୟ ଗୀତି ମୁକ୍ତିର ମଶାଲ ଧରି", "ବିଜୁଳି ତୋର ଶାସନ ଗଲାଣି ହୁଗୁଳି" ଭଳି ଶିହରଣ ସୃଷ୍ଟିକାରୀ ଗୀତ ଯୋଗୁଁ ସାମାଜିକ ପରିବର୍ତ୍ତନ ଏବଂ ଅନ୍ୟାୟ, ଅତ୍ୟାଚାର, ଅବିଚାର, ଦୁର୍ନୀତି, ଅସମତା ବିରୁଦ୍ଧରେ ସଂଗ୍ରାମରତ ଶକ୍ତିଙ୍କ ପାଇଁ କାଳ କାଳ ଧରି ପ୍ରେରଣା ଦାୟୀ ହୋଇ ରହିବେ । ଜଗନ୍ନାଥ ଭଜନ, ଜଣାଣ ଆଦିପାଇଁ ସେ ପ୍ରତ୍ୟେକ ଓଡିଆଙ୍କ ଘରେ ଘରେ ପରିଚିତ । ସେହିପରି ଓଡିଶାର ସାଂସ୍କୃତିକ ଜଗତରେ ଧର୍ମନିରପେକ୍ଷତା ପ୍ରତି ଅତୁଟ ବିଶ୍ୱାସ ଓ ସାଂପ୍ରଦାୟିକ ଶକ୍ତିମାନଙ୍କ ପ୍ରତି ଘୃଣାର ପ୍ରତୀକ ଭାବେ ସେ ପରିଚିତ ଥିଲେ । ଜଣେ ଦରଦୀ, ଅନ୍ୟର ଦୁଃଖରେ ଦୁଃଖୀ, ସ୍ନେହ ଆଦରଣୀୟ ଆଚାର ଓ ବ୍ୟବହାର, ମଣିଷ ପଣିଆ ପାଇଁ ସେ ଚିର ଦିନ ଜୀବିତ ରହିବେ । ପ୍ରଫୁଲ୍ଲ କରଙ୍କର ଆବର୍ତ୍ତନମାନରେ ଆଚାର ଓ ବ୍ୟବହାର, ମଣିଷ ପଣିଆ ପାଇଁ ସେ ଚିର ଦିନ ଜିବୀତ ରହିବେ। ପ୍ରଫୁଲ୍ଲ କରଙ୍କ ଅବର୍ତ୍ତନମାନରେ ଓଡିଶାର କେବଳ ସାଂସ୍କୃତିକ ଜଗତ ନୁହେଁ ସାଧାରଣ ଜୀବନରେ ମଧ ଏକ ବିରାଟ ଶୂନ୍ୟତା ସୃଷ୍ଟି ହେଲା । ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ତାଙ୍କ ପରିବାରର ଦାରୁଣ ଦୁଃଖରେ ସହଭାଗ ହୋଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ନଭେମ୍ବର ୩୦

# ଭାରତ ନାମର ପ୍ରାସଙ୍ଗିକତା ରହିଛି


ଗୋପାଳ ମହାପାତ୍ର

କିଛି ମାସ ତଳେ ଇଣ୍ଡିଆ ବନାମ ଭାରତକୁ ନେଇ ଏକ ବିବାଦ ସୃଷ୍ଟି ହୋଇଥିଲା । ଜି-୨୦ ସମ୍ମିଳନୀ ଅବସରରେ ରାଷ୍ଟ୍ରପତି ବିଦେଶାଗତ ଅତିଥିମାନଙ୍କୁ ରାତ୍ରି ଭୋଜ ଦେବାପାଇଁ ଯେଉଁ ଆମନ୍ତ୍ରଣ ପାତ୍ର ଦେଇଥିଲେ ସେଥିରେ ପ୍ରେସିଡେଣ୍ଟ ଅଫ ଭାରତ ଲେଖାଯିବା ଏବଂ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଥିବା ଫଳକରେ ଭାରତ ଲେଖାଯାଇଥିବା ପ୍ରସଙ୍ଗକୁ ନେଇ ବିବାଦ ହୋଇଥିଲା । ବିରୋଧୀ ଦଳମାନେ ଏ ପ୍ରସଙ୍ଗକୁ ନେଇ ବିଜେପି ସରକାରକୁ ସମାଲୋଚନା କରିଥିଲେ । କଂଗ୍ରେସ ସମେତ ଅନେକ ବିରୋଧୀ ଦଳଙ୍କ ମେଣ୍ଟର ନାମ ଇଣ୍ଡିଆ ( ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟା ଲଇନକ୍ଲୁସିଭଆଲାଏନ୍ସ ) ରଖାଯିବା କାରଣରୁ ବିଜେପି ଦେଶର ନାମ ପରିବର୍ତ୍ତନ କରିବାକୁ ଚାହୁଁଛି ବୋଲି ବିରୋଧୀମାନେ ଅଭିଯୋଗ କରିଥିଲେ । କିନ୍ତୁ ବିରୋଧୀଙ୍କ ଏହି ବିରୋଧ ଗୁରୁତ୍ୱହିନ ବୋଲି ମନେହୁଏ । ସମ୍ବିଧାନରେ ଉଲ୍ଲେଖ ରହିଛି ଯେ "ଇଣ୍ଡିଆ ଦ୍ୟାଟଇଜ ଭାରତ" ଅର୍ଥାତ ଇଣ୍ଡିଆ ହିଁ ଭାରତ । ଭାରତ ନାମ ଉପଯୋଗ କରିବା ପଛରେ ବିଜେପିର ଐତିହାସିକ ଭାବନା ମଧ୍ୟ ଥାଇପାରେ । ଯଦି କେହି ଇଂରାଜୀରେ ଦେଶର ନାମ ଇଣ୍ଡିଆ କହିବ ସେଥିରେ କିଛି ବାଧା ମଧ୍ୟ ନାହିଁ । ଅନେକ ମଧ୍ୟ ଦେଶର ନାମ ହିନ୍ଦୁସ୍ଥାନ ବୋଲି କହୁଛନ୍ତି । ଏଣୁ ଦେଶର ନାମ ଭାରତ ରଖାଯିବା ପାଇଁ ଯଦି ପ୍ରୟାସ ହୁଏ ତାକୁ ବିରୋଧ କରାଯିବ କାହିଁକି ? ଏକଥା ମଧ୍ୟ ଠିକ ଯେ ପୂର୍ବ କାଳରୁ ଏହି ଭୂଖଣ୍ଡ ଭାରତ ନାମରେ ପରିଚିତ ଏପରିକି ଆର୍ଯ୍ୟାବର୍ତ୍ତ,ଜମ୍ବୁଦ୍ୱୀପ ନାମରେ ମଧ୍ୟ ଦେଶକୁ ସମ୍ବୋଧିତ କରାଯାଏ ।

ଭାରତ ନାମ ପଛର କଥା ପାଇଁ ଇତିହାସକୁ ଓଲଟାଇବାକୁ ପଡିବ ତଥ୍ୟ ଅନୁସାରେ ଇଣ୍ଡିଆ ନାମର ସୃଷ୍ଟି ପ୍ରାଚୀନ କାଳରୁ ନୁହେଁ ବରଂ ତାର ବହୁ ବର୍ଷ ପରର । ପ୍ରାକକାଳୀନ କଥା ଅନୁସାରେ ଜୈନ ଧର୍ମର ପ୍ରବର୍ତ୍ତକ ଋଷଭ ଦେବ ଏବଂ ଜ୍ୟେଷ୍ଠ ପୁତ୍ର ମହାଯୋଗୀ ଭରତଙ୍କ ନାମ ଅନୁସାରେ ଏ ଦେଶର ନାମ ଭାରତ ହୋଇଛି । ଋଷଭଦେବଙ୍କ ପୁତ୍ର ଭରତ ଚକ୍ରବର୍ତ୍ତୀ ରାଜା ଥିଲେ ଓ ତାଙ୍କ ସାମ୍ରାଜ୍ୟ ଚାରି ଦିଗକୁ ମାଡି ରହିଥିଲା । ଏଥିପାଇଁ ଏହି ଭୂଭାଗର ନାମ ଭାରତବର୍ଷ ରଖାଯାଇଥିଲା । ଧୀରେ ଧୀରେ ଏହାକୁ ଭାରତ କୁହାଗଲା । ଅନ୍ୟ ଏକ ତଥ୍ୟ କ୍ରମେ ପ୍ରାଚୀନ କାଳର ରାଜା ଦୁଷ୍ମନ୍ତ ଓ ତାଙ୍କ ରାଣୀ ଶକୁନ୍ତଳାଙ୍କ ପୁତ୍ର ଭରତଙ୍କନାମ ଅନୁସାରେ ଏହି ଭୂଖଣ୍ଡର ନାମ ଭାରତ ରଖାଯାଇଛି । ଏ ପ୍ରସଙ୍ଗରେ ଭଗବାନ ରାମଚନ୍ଦ୍ରଙ୍କ ଭାଇ ଭାରତଙ୍କ କଥା ମଧ୍ୟ ରହିଛି । ଏଣୁ ସ୍ୱଷ୍ଟ ଯେ କାହିଁ କେତେ କାଳରୁ ଏହି ଭୂଖଣ୍ଡର ନାମ ଭାରତ ରହିଛି । ଏହା ଏକ ସର୍ବମାନ୍ୟ ନାମ ମଧ୍ୟ । ଇଣ୍ଡିଆ ଶବ୍ଦ କେବେ ଆସିଲା ସେ ବାବଦରେ ତର୍ଜମା କରାଯିବା ଆବଶ୍ୟକ । ଇତିହାସ ଅନୁସାରେ ମଧ କାଳରେ ଯେତେବେଳେ ଇରାନୀ ଏବଂ ତୁର୍କୀମାନେ ସିନ୍ଧୁ ଘାଟିରେ ପ୍ରବେଶ କଲେ ସେତେବେଳେ ସିନ୍ଧୁ ବଦଳରେ ହିନ୍ଦୁଘାଟି ବୋଲି କହିଲେ । କାରଣ ଏମାନଙ୍କର ସ ଅକ୍ଷରର ଉଚ୍ଚାରଣକୁ ଏମାନେ ହ ବୋଲି ଉଚ୍ଚାରିତ କରୁଥିଲେ । ଏଣୁ ଏହି ଭୂଖଣ୍ଡକୁ ହିନ୍ଦୁସ୍ଥାନ କହିବା ଆରମ୍ଭ ହୋଇଥିଲା । ତଥ୍ୟ ଅନୁସାରେ ସିନ୍ଧୁନଦୀରତଟବର୍ତ୍ତୀ ଅଞ୍ଚଳର ସଭ୍ୟତା ବିକଶିତ ହୋଇଥିଲା ଏବଂ ଏହି ସଭ୍ୟତା ୟୁନାନ ପର୍ଯ୍ୟନ୍ତ ପହଞ୍ଚିଥିଲା । ସିନ୍ଧୁ ନଦୀକୁ ଇଂରାଜୀରେ ଇଣ୍ଡସ ରିଭର କୁହାଯାଉଥିଲା । ଏଣୁ ୟୁନାନୀମାନେ ସିନ୍ଧୁ ନଦୀର ତଟବର୍ତ୍ତୀ ଅଞ୍ଚଳକୁ ଇଣ୍ଡସ ଭାଲି ବୋଲି କହିବାକୁ ଲାଗିଲେ । ଏହି ଇଣ୍ଡସ ଶବ୍ଦକୁ ଲାଟିନ ଭାଷାରେ ଇଣ୍ଡିଆ ଭାବେ ଉଚ୍ଚାରଣ କରାଗଲା । ସେତେବେଳେ ଲାଟିନଭାଷା ରୋମାନ ସାମ୍ରାଜ୍ୟର ସରକାରୀ ଭାଷା ଥିଲା । ପରେ ଯେତେବେଳେ ଇଂରେଜମାନେ ଏ ଦେଶକୁ ଆସିଲେ ଇଣ୍ଡିଆ ଶବ୍ଦକୁ ଆମଉପରେ ଥାପି ଦିଆଗଲା । କିନ୍ତୁ ସାଧାରଣ ଲୋକେ ଏ ଦେଶକୁ ଭାରତ ଓ ହିନ୍ଦୁସ୍ଥାନ ବୋଲି କହିଲେ ଓ ଏବେ ବି କହୁଛନ୍ତି । ଦେଶ ସ୍ୱାଧୀନ ହେବା ପରେ ଯେତେବେଳେ ଦେଶର ନାମ କ'ଣ ରଖାଯିବ ବୋଲି ଚର୍ଚ୍ଚା ହେଲା ସେତେବେଳେ ସମ୍ବିଧାନ ସଭାର ବିଦ୍ୱାନ ସଦସ୍ୟମାନେ ଦେଶର ନାମ ଭାରତ ବର୍ଷ ଅଥବା ହିନ୍ଦୁସ୍ଥାନ ରଖିବା ପାଇଁ ଚାହୁଁଥିଲେ । ଅନେକ ଆଲୋଚନା ପରେ ସମ୍ବିଧାନରେ 'ଇଣ୍ଡିଆ ଦ୍ୟାଟଇଜ ଭାରତ' ଲେଖାଯିବା ପାଇଁ ସ୍ଥିର କରାଗଲା । ସମ୍ବିଧାନରେ ଇଣ୍ଡିଆ ଏବଂ ଭାରତ ଦୁଇଟି ନାମ ରହିଲା । ଦେଶର ନାମ ଭାରତ ରଖାଯିବା ପ୍ରସଙ୍ଗକୁ ନେଇ ଏବେ ଯେଉଁ ବିବାଦ ଆରମ୍ଭ ହୋଇଛି ତାହା କେବଳ ରାଜନୈତିକ ଉଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇପାରେ । କାରଣ ଦେଶର ନାମ ଭାରତ ବୋଲି ଆମ ପୂର୍ବ ପିଢି କହୁଥିଲେ ଓ ଏବେର ପିଢି କହୁଛନ୍ତି । ସବୁଠୁ ବଡ କଥା ହେଉଛି ସରକାରୀ ଦଳ ହେଉ ବା ବିରୋଧୀ ତାଙ୍କ ଏଜେଣ୍ଡାକୁ ନେଇ ତ ରାଜନୀତି କରିବେ । କିନ୍ତୁ କୌଣସି ମତେ ସମାଜରେ ବିଦ୍ୱ ?ଷ ଭାବ ସୃଷ୍ଟି କରାଯିବାକୁ ସୁଯୋଗ ଦିଆଯିବା ଉଚିତ ନୁହେଁ । ବିଶ୍ୱର ଅନ୍ୟ ଦେଶର ଲୋକମାନେ ଆମକୁ ଏବେ ଇଣ୍ଡିଆନ କହୁଛନ୍ତି ଯଦି ଦେଶର ନାମ ପରିବର୍ତ୍ତନ ହୋଇ ଭାରତ ହୁଏ ତେବେ ଭାରତୀୟ କହିବେ । କିନ୍ତୁ ମୂଳ କଥା ହେଉଛି ଆମେ କେତେ ଆମ ସଂସ୍କୃତିକୁ ସୁରକ୍ଷିତ ଓ ବିକଶିତ କରିପାରିବା ସେ ଦାୟିତ୍ୱ ଆମର ।

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

# ମାଣବସା ଗୁରୁବାର


କାଳି ଦାସ

ମାର୍ଗଶିର ମାସ ଆସିଗଲେ ଓଡିଶାର ପୁର ପଲ୍ଲୀ ସହର ଓ ବଡ ସହର ସବୁ ଆଡ ? ଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖରିତ ହୋଇଥାଏ ।ଗୁରୁବାର ରେ ଲକ୍ଷ୍ମୀଙ୍କ ପୂଜା ପାଇଁ ଉପଯୋଗୀ ସାମଗ୍ରୀ ଯେମିତି ଗେଣ୍ଡୁ ଫୁଲ, ଆମ୍ବ ଡାଳ ଅଁଳା ଡାଳ ଓ କଦଳୀ ପତ୍ର ସହିତ ପ୍ରସାଦ ପାଇଁ ପ୍ରଯୁଜ୍ୟ ନଡିଆ, କଦଳୀ ଏବଂ ଅନେକ ସାତ୍ତ୍ୱିକ ପରିବା ର ବିକ୍ରୀ ଆରମ୍ଭ ହୋଇଥାଏ ।ପରିବାର ର ସମସ୍ତ ସଦସ୍ୟ ଏହି ଉତ୍ସବ ପାଇଁ ତତ୍ପର ହୋଇଯାଇଥାନ୍ତି ଗୋଟିଏ ପିଢି ପରେ ଅନ୍ୟ ପିଢି ଏହି ପୂଜା ବା ପର୍ବ କୁ ପାଳନ କରିଥାନ୍ତି । ଅନ୍ୟ ପର୍ବପର୍ବାଣି ରେ ଆଧୁନିକତାର ଛାପ ଲାଗି ଯାଇଥିବା ବେଳେ ଲକ୍ଷ୍ମୀ ପୂଜା ତାର ପ୍ରାଚୀନ ପରମ୍ପରା ଠାରୁ ବିଚ୍ଛିନ୍ନ ହୋଇ ପାରିନାହିଁ । ଗୁରୁବାର ଓଡିଆତ୍ୱ କୁ ଧରି ରଖି ପାରିଛି ।ମାର୍ଗଶୀର ମାସର ଗୁରୁବାରର ପ୍ରସାଦ ଭିତରକୁ ନୂତନତା ର ସ୍ପର୍ଶ ଆଜି ଯାଏଁ ଲାଗି ପାରିନି । ପିଠା, ପଣା ଘାଣ୍ଟ ତରକାରି ଖେଚେଡି, ଶାଗ ଆଜି ମଧ ଘରେ ଘରେ ପ୍ରସ୍ତୁତ କରାଯାଉଛି ଏବଂ ଲକ୍ଷ୍ମୀଙ୍କୁ ଭୋଗ କରାଯାଉଛି ।

ଓଡିଶାରେ ପ୍ରାୟ ସମସ୍ତେ ମାର୍ଗଶିର ମାସ ର ଗୁରୁବାର ରେ ଲକ୍ଷ୍ମୀ ପୂଜା ପାଳନ କରିଥାନ୍ତି ।ଲକ୍ଷ୍ମୀଙ୍କର ପୂଜା ବା ଉପାସନା ବିଭିର୍ନ୍ନ ରାଜ୍ୟ ରେ ଭିର୍ନ ଭିର୍ନ୍ନ ସମୟ ରେ କରାଯାଇଥାଏ ।ଉତ୍ତର ଭାରତ ରେ ଦିପାବଳୀ ରେ ଲକ୍ଷ୍ମୀ ଙ୍କୁ ପୂଜା କରାଯାଇଥାଏ ।ଲକ୍ଷ୍ମୀଙ୍କୁ ଧନ ଏବଂ ସୌଭାଗ୍ୟ ର ଦେବୀ ବୋଲି ବିଶ୍ୱାସ କରାଯାଏ । ତେଣୁ ପ୍ରତେକ ପରିବାର ରେ ଲକ୍ଷ୍ମୀଙ୍କ ଅନୁଗ୍ରହ ପାଇବାପାଇଁ ଲକ୍ଷ୍ମୀ ପୂଜା କରାଯାଇଥାଏ ।ମାର୍ଗଶିର ମାସର ଗୁରୁବାର କୁ ମାଣବସା ଗୁରୁବାର ମଧ କୁହାଯାଏ ।ଭଗବତ ଗୀତା ରେ ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି ଯେ ସିଏ ହେଲେ ମାସମାନଙ୍କ ଭିତରେ ମାର୍ଗଶୀର ମାସ । ତେଣୁ ସବୁ ମାସ ଭିତରେ ଉତ୍ତମ ମାସ ହେଲା ମାର୍ଗଶିର ମାସ । ଆଗ କାଳ ରେ ମାଣ ରେ ଲୋକମାନେ ମାପ ଯୁପ କରୁଥିଲେ । ଏହି ଗୁରୁବାର ଦିନ ଲକ୍ଷ୍ମୀଙ୍କ ପାଖରେ ନୂଆ ଧାନ କୁ ମାଣ ରେ ଭର୍ତ୍ତି କରି ପୂଜା କରାଯାଏ । ଓଡିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଓଡିଶା ର ମୁଖ୍ୟ ଫସଲ ହେଲା ଧାନ ।ମାର୍ଗଶିର ମାସ ସମୟ ରେ ଧାନ ଫସଲର ଆମଦାନୀ ହୋଇଥାଏ ।ଓଡିଶାର ଲୋକେ ଉତ୍ସାହର ସହ ଲକ୍ଷ୍ମୀ ପୂଜା କରିଥାନ୍ତି । ଧନ ର ଦେବୀ ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଚାହିଁଥାନ୍ତି । ମାହାଲକ୍ଷ୍ମୀ ସଫା ସୁତୁରା କୁ ବେଶ ଭଲ ପାଇଥାନ୍ତି ତେଣୁ ଓଡିଆ ଗୃହୁଣୀ ମାନେ ଘର କୁ ସଫା ସୁତୁରା କରିଥାନ୍ତି । ଲକ୍ଷ୍ମୀ ପାଦ , ପଦ୍ମ ଫୁଲ , ଚିତା କୁ ଲେଖି ଘର କୁ ସଜାଇଥାନ୍ତି । ଘରେ ଘରେ ପିଠା ପଣାର ସୁଅ ଛୁଟେ । ପଞ୍ଚଦଶ ଓ ଷଷ୍ଟଦଶ ଶତାବ୍ଦୀ ର ଲେଖକ ବଳରାମ ଦାସଙ୍କ ଦ୍ୱାରା ରଚିତ ଲକ୍ଷ୍ମୀ ପୁରାଣ କୁ ଆଧାର କରି ଏହି ଲକ୍ଷ୍ମୀ ପୂଜା କରାଯାଇଥାଏ । ପଞ୍ଚଦଶ ଶତାବ୍ଦୀ ର ରକ୍ଷଣ ଶିଳ ସମାଜ ଭିତରେ ଏକବିଂଶ ଶତାବ୍ଦୀ ର ଚିନ୍ତାଧାରା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଆମ ଦେଶ ର ସ୍ୱାଧୀନତା ସଂଗ୍ରାମ ର ମାହାନାୟକ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା କୁ ଗୋଟିଏ ଅପରାଧ ବୋଲି ମାନିଥିଲେ । କିନ୍ତୁ ଓଡିଶା ରେ ୪୦୦ ବର୍ଷ ଆଗରୁ ଅସ୍ପୃଶ୍ୟତା ବିରୋଧ ରେ ସ୍ୱର ଉଠିଥିଲା ଏବଂ ସେହି ସ୍ୱର ଉଠାଇଥିଲେ ବଳରାମ ଦାସ । କେବଳ ଅସ୍ପୃଶ୍ୟତା ନୁହେ ବରଂ ମହିଳାଙ୍କ ସମ୍ମାନ ପାଇଁ ମଧ ତାଙ୍କ ର ଲେଖାନିମୁନ ଚାଲିଥିଲା ।

ମହାଲକ୍ଷ୍ମୀ ପୁରାଣ ର ମୁଖ୍ୟ ନାୟକ ହେଲେ ଜଗନ୍ନାଥ ଓ ନାୟିକା ହେଲେ ସ୍ୱୟଂ ମହାଲକ୍ଷ୍ମୀ । ଏହି ଦୁଇ ଜଣ ହେଲେ ସାଧାରଣ ଓଡିଆ ଘର ର ଗୃହସ୍ତ ଏବଂ ଗୃହିଣୀ । ସାଧାରଣ ଓଡିଆ ଘରେ ଗୃହିଣୀ ଯେପରି ରୋଷେଇ କରେ ମହାଲକ୍ଷ୍ମୀ ରୋଷେଇ କରନ୍ତି ସ୍ୱାମୀ ଓ ଦେଢଶୁରଙ୍କୁ ଖାଇବା କୁ ଦିଅନ୍ତି । ସ୍ୱାମୀ ଓ ଦେଢଶୁରଙ୍କର ଖାଦ୍ୟ ର ରୁଚି ଉପରେ ତାଙ୍କ ର ଜ୍ଞାନ ଥାଏ । ଜଗନ୍ନାଥ ବଡଭାଇ ବଳରାମଙ୍କର ଆଜ୍ଞାଧୀନ ଛୋଟ ଭାଇ । ମାର୍ଗଶିର ମାସ ଗୁରୁବାରରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କ ଠାରୁ ଆଜ୍ଞା ନେଇ ସହର ବୁଲିବାକୁ ଯାଇଥାନ୍ତି । କିନ୍ତୁ ସହର ଓ ଗାଁ ରେ କୌଣସି ସ୍ଥାନ ରେ ଲକ୍ଷ୍ମୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି ଦେଖିବା କୁ ମିଳିନାହି ଶେଷ ରେ ଲକ୍ଷ୍ମୀ ଚଣ୍ଡାଳ ସାହି କୁ ଯାଇଛନ୍ତି ଏବଂ ଚଣ୍ଡାଳ ସାହି ରେ ଶ୍ରୀଆ ଚଣ୍ଡାଳୁଣୀ ନିଜ ଘର କୁ ସଫା ସୁତରା କରି ଲକ୍ଷ୍ମୀଙ୍କ ପାଦ ଓ ପଦ୍ମ ର ଚିତା କରିଛି ତାହା ଦେଖି ଲକ୍ଷ୍ମୀ ଚଣ୍ଡାଳୁଣୀ ଉପରେ ଖୁସି ହୋଇଛନ୍ତି ଓ ବର ଦେଇଛନ୍ତି । ଲକ୍ଷ୍ମୀଙ୍କର ଚଣ୍ଡାଳ ଘର କୁ ଯିବା ବଳରାମ ଜାଣିପାରିଲେ । ବଳରାମଙ୍କୁ ତାହା ଭଲ ଲାଗିନାହି । ବଳରାମ ନିଜ ଛୋଟ ଭାଇ ଜଗନ୍ନାଥଙ୍କୁ ଲକ୍ଷ୍ମୀଙ୍କୁ ତ୍ୟାଗ କରିବା ପାଇଁ କହିଛନ୍ତି । ଜଗନ୍ନାଥ ନିଜ ବଡ ଭାଇଙ୍କ ଆଜ୍ଞା କୁ ମାନି ଲକ୍ଷ୍ମୀଙ୍କୁ ବଡଦେଉଳ ଭିତରେ ପଶେଇଦେଲେନାହି । ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କଥପୋକଥନ ସାଧାରଣ ଓଡିଆ ଘର ର ସ୍ୱାମୀ ସ୍ତ୍ରୀଙ୍କ କଥୋପକଥନ ପରି ରହିଛି ସେଇଠି ଦେବତ୍ୱ ର କୌଣସି ସ୍ଥାନ ନାହି । ଜଗନ୍ନାଥ ବାରମ୍ବାର ଲକ୍ଷ୍ମୀଙ୍କୁ ବଡଦେଉଳ ଛାଡି ଚାଲିଯିବା ପାଇଁ କହିଛନ୍ତି । ଲକ୍ଷ୍ମୀ ଦୁଖ ରେ ଚାଲିଯାଇଛନ୍ତି କିନ୍ତୁ ନାରୀ ର ସମ୍ମାନ ପାଇଁ ଜଗନ୍ନାଥଙ୍କୁ ଅଭିଶାପ ଦେଇଛନ୍ତି । ଲକ୍ଷ୍ମୀ ଯେହେତୁ ଧନ ର ଦେବୀ ସିଏ ଜଗନ୍ନାଥଙ୍କ ପାଖରେ ଥିବା ସମସ୍ତ ଧନ କୁ ହରିନେଇଛନ୍ତି । ଲକ୍ଷ୍ମୀଙ୍କ ଅଭିଶାପ ର ଫଳ ସ୍ୱରୂପ ଜଗନ୍ନାଥଙ୍କୁ ୧୨ ବର୍ଷ ଭୋକ ରେ ରହିବା କୁ ପଡିଛି ଏବଂ ଶେଷ ରେ ଲକ୍ଷ୍ମୀଙ୍କ ଦ୍ୱାର ରେ ହିଁ ତାଙ୍କୁ ଖାଇବା କୁ ମିଳିଛି । ଏହି ପୁରାଣ ର ମୂଳ ଲକ୍ଷ୍ୟ ହେଲା ଘରେ ସ୍ତ୍ରୀ କୁ ସମ୍ମାନ ଓ ଅସ୍ପୃଶ୍ୟତା ର ଦୂରିକରଣ । ଦୁଇ ଟି ଯାକ ସମସ୍ୟା ର ସମାଧାନ ଦୀର୍ଘ ୪୦୦ ବର୍ଷ ପୂର୍ବ ରୁ ବଳରାମ ଦାସ ଚିନ୍ତା କରିଥିଲେ । ଜଗନ୍ନାଥଙ୍କ ଆଗରେ ଲକ୍ଷ୍ମୀଙ୍କ ଏହି ଏକ ମାତ୍ର ଦାବି ଥିଲା ଯେ ବଡଦେଉଳ ରେ ବ୍ରାହ୍ମଣ ଓ ଚଣ୍ଡାଳ ଭିତରେ କୌଣସି ଭେଦ ଭାବ ରହିବ ନାହି । ବ୍ରାହ୍ମଣଙ୍କ ହାତ ରୁ ଚଣ୍ଡାଳ ଛଡେଇ ଖାଇବେ ତାହେଲେ ଲକ୍ଷ୍ମୀ ବଡଦେଉଳ କୁ ଯିବେ ଆଜି ମଧ ଏହା ବଡଦେଉଳ ରେ ପାଳନ କରାଯାଉଛି । ଓଡିଶା ରେ ଏମିତି ଏକ ଉନ୍ନତ ଚିନ୍ତା ଧାରା ଦେଖିଲେ ନିଜ କୁ ଗୌରବାନ୍ୱିତ ମନେ ହୁଏ । ଆଜି ମଧ ମହିଳା ମାନେ ନିର୍ଯାତିତ ଏବଂ ଅସୁରକ୍ଷୀତ ତାହେଲେ ଆମେ ନିଜ କୁ କେଉଁ ଦୃଷ୍ଟି ରୁ ଆଧୁନିକ କହିବା ?

ପୂର୍ବ ଓଡିଶା ରୁ ପଶ୍ଚିମ ଓଡିଶା ଉତ୍ତର ଓଡିଶା ରୁ ଦକ୍ଷିଣ ଓଡିଶା ସବୁ ଘରେ ଲକ୍ଷ୍ମୀ ପୂଜା କରାଯାଏ । ଲକ୍ଷ୍ମୀ ପୁରାଣ ପଢାଯାଏ କିନ୍ତୁ କେତେ ଲୋକ ତାର ତତ୍ୱ ବୁଝନ୍ତି କହି ହେବନାହି । ଲେଖକ ବଳରାମ ଦାସ କେଉଁ ଉଦେଶ୍ୟ ନେଇ ଏହି ପୁରାଣ ଲେଖିଥିଲେ ଏବଂ ତାଙ୍କ ଉଦେଶ୍ୟ ପୁରା ହେଇପାରିଛି କି ନାହି ଜଣା ନାହି ।

*ବ୍ରହ୍ମପୁର,*
*ଖୋଡାସିଙ୍ଗ କଳିଙ୍ଗନଗର*
*ମୋ- ୭୨୦୫୧୦୦୮୩୯ ?*

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ


ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ ।ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ ।କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ । ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ 'ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି ।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ ।କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା । ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୃଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ବ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ୍ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବ ?ଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

*ଗୋପାଳପୁର,, ବାଲେଶ୍ୱର,,*
*ମୋବାଇଲ -୭୦୨୦୬୧୧୩୦୦*

# କଳିଙ୍ଗର ନୌବାଣିଜ୍ୟ ଓ ବାଲିଯାତ୍ରା


ଅକ୍ଷୟ କୁମାର ରାଉତ

ପ୍ରତ୍ୟେକ ଜାତି ବା ଦେଶର ସାଂସ୍କୃତିକ ଜୀବନ କ୍ଷେତ୍ରରେ ପର୍ବପର୍ବାଣୀ, ଯାନି, ଯାତ୍ରା ଓ ଉତ୍ସବର ଅତି ମହତ୍ୱପୂର୍ଣ୍ଣ ସ୍ଥାନ ରହିଅଛି । ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ଗାରିମାମୟ ଅଧ୍ୟାୟ କାଳଜୟୀ ପରମ୍ପରା ବିଶ୍ୱ ବନ୍ଦନୀୟ । ଓଡିଶାର ନୌବାଣିଜ୍ୟ ବହୁ ପ୍ରାଚୀନ, ଏହି କଥା ଲୋକଶ୍ରୁତି ଓ ଇତିହାସରୁ ଜଣାଯାଏ । ତତ୍କାଳୀନ ସମୟରେ କଳିଙ୍ଗ ଜାତିର ଦୁର୍ଦ୍ଧଷ ପଣିଆ ସାରା ପୃଥିବୀରେ କଳିଙ୍ଗାଃ ସାହାସିକାଃ ରୂପେ ପରିଗଣିତ ହୋଇଥିଲା । ମେଘାସ୍ଥିନସଙ୍କ ବିବରଣୀରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ କଳିଙ୍ଗରେ ନଦୀପଥ ଓ ସମୁଦ୍ର ପଥରେ ନୌବାଣିଜ୍ୟ ଚାଲୁଥିଲା । ଇତିହାସ କହେ କଳିଙ୍ଗର ନୌବାଣିଜ୍ୟ ବିଶ୍ୱ ବିଖ୍ୟାତ । ସେତେବେଳେ ଆମର ବହୁତ ପ୍ରସିଦ୍ଧ ବନ୍ଦର ଥିଲା, ତାହା ହେଉଛି - ନନୀଗେନ, କାଟିକର୍ଦ୍ଦମ, ପଲୌରା, କୋଳନଗର, କୋଶମ୍ବ, ମନୋଜ, ଦୋସରମ୍, ତନ୍ଦିସ୍, ଗଙ୍ଗେ, ତାମଲିତି, ପଲୋରା, କଂଟକସିଲାଇ, ଦନ୍ତପୁର । ଏହା ବ୍ୟତୀତ ଅନ୍ୟ ବନ୍ଦରଗୁଡିକ ହେଲା - ପିପିଲି, ଚାନ୍ଦବାଲି, ଧାମରା, ପାରାଦ୍ୱୀପ, ଚେଲିତୋଳ, ପୁରୀ, ଚିଲିକା ଆଦି ପ୍ରାଚୀନ ବନ୍ଦର ଥିବାର ପ୍ରମାଣ ମିଳେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା କଳିଙ୍ଗର ସାମ୍ରାଜ୍ୟ । ସେତେବେଳେ ତାମଲିତି ବା ତାମ୍ରଲିପ୍ତି କଳିଙ୍ଗର ଶ୍ରେଷ୍ଠ ବନ୍ଦର ଥିଲା । ଏହି ତାମ୍ରଲିପ୍ତି ବନ୍ଦରରୁ କଳିଙ୍ଗର ସାଧବ ପୁଅମାନେ ଚୀନ, ସିଂହଳ, ଇଣ୍ଡୋନେସିଆ, ମାଳୟ, ବ୍ରହ୍ମଦେଶ, ଥାଇଲାଣ୍ଡ ଓ ଭିଏତ୍‌ନାମ୍ ଆଦି ଦେଶକୁ ଯାଉଥିଲେ ପାଲଟଣା ବୋଇତରେ । ସାଧବମାନେ ସାଙ୍ଗରେ ନେଉଥିଲେ, ସମ୍ବଲପୁରୀ ବସ୍ତ୍ର, କଟକର ତାରକସି କାରୁକାର୍ଯ୍ୟ, କାଠ, ପଥର ଖୋଦେଇ ମୂର୍ତ୍ତି ଓ ବିଭିନ୍ନ ସୁଗନ୍ଧ ସାମଗ୍ରୀ । ବିଦେଶରୁ ଆମଦାନୀ କରୁଥିଲେ ସୁନା, ରୂପା, କାଚର ଅଳଙ୍କାର, ଚନ୍ଦ୍ରକାନ୍ତମଣି, ସିଙ୍ଗ ପାନିଆ, ଚୀନ ଦେଶର ରେଶମୀ ବସ୍ତ୍ର, ବାଘ ନଖର ମାଳି, ହାତୀଦାନ୍ତର ଫରୁଆ ଇତ୍ୟାଦି । ଅଧିକ ପରିବହନ ଥିବା ହାତୀ ଜାହାଜ କଳିଙ୍ଗର ଥିଲା । କଳିଙ୍ଗର ରାଜା ହାତୀ କିଣୁଥିଲେ ଓ ହାତୀ ବୋଇତରେ ହାତୀମାନଙ୍କୁ ଦେଶ ବିଦେଶକୁ ପଠାଉଥିଲେ । ଏହି ବୋଇତ ବା ଅର୍ଣ୍ଣବପୋତ ସାହାର୍ଯ୍ୟରେ କଳିଙ୍ଗ ଜାତିର ପୂର୍ବପୁରୁଷମାନେ ଦେଶ ବିଦେଶକୁ ଯିବା ଆସିବା କରି ବାଣିଜ୍ୟ ବ୍ୟବସାୟ କରୁଥିଲେ । ମାଦାଳା ପାଞ୍ଜିରୁ ଜଣାଯାଏ ଭୋଜରାଜା କାଠ ଦ୍ୱାରା ଜଳ ଜାହାଜ ନିର୍ମାଣ କରୁଥିଲେ । ଏହି ଜାହାଜ ଦୁଇ ପ୍ରକାରର ଯଥା - ସାମାନ୍ୟ ନୌକା ଓ ବୋଇତ ବା ଅର୍ଣ୍ଣବପୋତ । ସାମାନ୍ୟ ନୌକା ୧୦ ପ୍ରକାର ତାହା ହେଉଛି, କ୍ଷୁଦ୍ର, ମଧ୍ୟମ, ଭୀମ, ଚପଳ, ପାଟଳ, ଦୀର୍ଘ, ଭୟା, ପତ୍ରପୁଟା, ଗର୍ଭରା, ମନ୍ଥରା । ବୋଇତ ବା ଅର୍ଣ୍ଣବପୋତ ଦୁଇପ୍ରକାର ଦୀର୍ଘା ଓ ଉନ୍ନତା । ଦୀର୍ଘା ହେଉଛି ଦଶ ପ୍ରକାରର ଯଥା - ଦୀର୍ଘିକା, ତରଣୀ, ଲୋଳା, ଚତ୍ୱରା, ଗାମିନୀ, ତରୀ, ଜଙ୍ଗଳା, ପ୍ଲାବିନୀ, ଧରଣୀ ଓ ବେଗିନୀ । ଉନ୍ନତା ହେଉଛି ପାଂଚ ପ୍ରକାର ଯଥା - ଉର୍ଦ୍ଧ୍ୱା, ଅନୂର୍ଦ୍ଧ୍ୱା, ସୁବର୍ଣ୍ଣମୁଖୀ, ଗର୍ଭିଣୀ ଓ ମନ୍ଥରା । ଏହି ସବୁ ଜଳଯାନ ଗୁଡିକ ହାତ ମାପରେ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ମପା ଯାଇଥାଏ । ଏକ ମାସ୍ତୁଲ ଜାହାଜର ବର୍ଣ୍ଣ ନୀଳବର୍ଣ୍ଣ, ଦୁଇ ମାସ୍ତୁଲ ଜାହାଜ ପୀତବର୍ଣ୍ଣ, ତିନି ମାସ୍ତୁଲ ଜାହାଜ ରକ୍ତବର୍ଣ୍ଣ ଓ ଚାରିମାସ୍ତୁଲ ଜାହାଜ ଶ୍ୱେତବର୍ଣ୍ଣ ହୋଇଥାଏ । ଜଳଯାନର ମୁହଁ ନାନା ପ୍ରକାର ଆକୃତିରେ ହୋଇଥାଏ । କୋଠରୀ ଅନୁପାତରେ ଜଳଯାନଙ୍କୁ ସର୍ବମନ୍ଦିରା, ମଧ୍ୟମନ୍ଦିରା ଓ ଅଗ୍ରମନ୍ଦିରା କୁହାଯାଉଥିଲା । ଭାରତୀୟ ନୌଯାତ୍ରା ପ୍ରାଚୀନକାଳରୁ ଆମ ପୁରାଣ, ଭାଗବତ, ମହାଭାରତ ଓ ରାମାୟଣ ରୁ ଜଣାଯାଏ । ଆମର ଲୋକସାହିତ୍ୟ, ଜନକ ଜାତକ, ଖୁଦୁରୁକୁଣୀ ଓଷା ଓ ଖୁଲଣା ସୁନ୍ଦରୀ କଥାରୁ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତିଚାରଣ ହୋଇଥାଏ । ଜାହଜିଆମାନେ ଦିଗବିଦିଗ ମାନଙ୍କୁ ତାଙ୍କ ଭାଷାରେ ନାମ ଦେଇଥିଲେ, ଗାହି - ଉତର ଦିଗ, ସୋଲେଇ - ଦକ୍ଷିଣ ଦିଗ, ଡହରା- ପୂର୍ବଦିଗ, ପିଛାଡି - ପଶ୍ଚିମ ଦିଗ, ଗାହିମତଲେଇ - ଐଶାନ୍ୟ ଦିଗ, ବେଗଶିୟା ପିଛାଡି - ବାୟବ୍ୟଦିଗ, ଦକ୍ଷିଣ ପିଛାଡା - ନୈରତ ଦିଗ, ଦକ୍ଷିଣ ଡହରା - ଅଗ୍ନି ଦିଗ, ଘୋଷ - ଉର୍ଦ୍ଧ୍ୱ, ଦମନ - ତଳ । ସେମାନେ ଡାହାଣକୁ ଉଜା ଓ ବାମକୁ ଡାହୁ କହୁଥିଲେ । ସାଧାରଣତ କୈବର୍ତ୍ତମାନେ ନୌକା ଚାଳନା ଓ ନୌକା ନିର୍ମାଣର ଜ୍ଞାନକୌଶଳ ଜାଣିଥିଲେ । କୈବର୍ତ୍ତମାନେ ସେମାନଙ୍କର ଇଷ୍ଟଦେବୀ ବା ବାସେଳୀଙ୍କୁ ପୂଜା କରିଥାଆନ୍ତି । ଏହି ବାସେଳି ଠାକୁରାଣୀ ଚାରିପ୍ରକାର ଯଥା - ଦାଣ୍ଡ ବାସେଳି, ଘୋଡା ବାସେଳି, ସିଦ୍ଧ ବାସେଳି ଓ ବନ୍ଧ ବାସେଳି ।ସାଧବ ଘରର କଥା ବା ଉତ୍କଳର ଡଙ୍ଗା ଭସା ବୋଇତ କଥା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କିଏ ନଜାଣେ ? କାର୍ତ୍ତିକ ମାସରେ ବିଦେଶରୁ ସାଧବପୁଅ ଫେରି ଆସୁଥିଲେ । ପୁଣି ପୁନର୍ବାର ପବନର ଅନୁକୂଳ ପାଗ ଦେଖି ତାହାର ଜାହାଜ ମେଲି ଦେଉଥିଲେ । ନୀଳସାଗର ବକ୍ଷରେ ନୌବାଣିଜ୍ୟର ଏହି ସ୍ମୃତି କଳିଙ୍ଗର ପରମ୍ପରା ଓ ସଂସ୍କୃତିକୁ ସମୃଦ୍ଧ କରୁଥିଲା । କାର୍ତ୍ତିକ ପୂର୍ଣ୍ଣମାର ହେମାଳ ପାହାନ୍ତିରେ ଆବାଳ ବୃଦ୍ଧବନିତା ଡଙ୍ଗା ଉପରେ ପାନଗୁଆ ରଖି ଦୀପ ଜଳାଇ "ଆ...କା...ମା...ବ...ଇ ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର" କଦଳୀ ପାଟୁଙ୍ଗାରେ ନୌକାଟିଏ ପ୍ରସ୍ତୁତ କରି ନଈ, ନାଳ ଓ ପୋଖରୀରେ ଭସାଇ ଦେଇଥାଆନ୍ତି । ଏହା କଳିଙ୍ଗ ଜାତିର ପ୍ରଗତି ପରମ୍ପରା, ବାଣିଜ୍ୟ ଓ ବ୍ୟବସାୟର ପ୍ରତୀକ ବାଲିଯାତ୍ରା ନାମରେ ନାମିତ । କଳିଙ୍ଗ ବା ଓଡିଶାର ବାଣିଜ୍ୟସ୍ଥଳି କଟକର ପିଠି ଉପରେ ଗଡଗଡିଆ ଘାଟରେ ଆଜି ଠିଆ ହୋଇଛି ବାଲିଯାତ୍ରା । ଏହି ବାଲିଯାତ୍ରା ଓଡ୍ରରାଷ୍ଟ୍ରର ଚେଲିତୋଳ ବନ୍ଦରରେ ଅଷ୍ଟମ ଶତାବ୍ଦୀରେ ଖ୍ୟାତି ଲାଭ କରିଥିଲା । ସମୟର ସ୍ରୋତରେ ଭାରତ ସ୍ୱାଧୀନତା ଲାଭକଲା । ସ୍ୱାଧୀନ ଭାରତରେ ମୁମ୍ବାଇ, କୋଲକାତା, ଚେନ୍ନାଇ, କୋଚି ଓ ଭାଇଜାଗ୍ ନାମରେ ପାଂଚଗୋଟି ବୃହତ୍ ବନ୍ଦର ଥିଲା । ଷଷ୍ଠ ବୃହତ୍ ବନ୍ଦର ଭାବରେ ଗୁଜୁରାଟର କାଣ୍ଡଲା ଓ ସପ୍ତମ ବୃହତ ବନ୍ଦର ଭାବେ ମର୍ମାଗୋଆ ସ୍ୱାଧୀନ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କଲା । ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ୍ ନେହେରୁ ଓ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ମସିହା ଜାନୁଆରୀ ୩ ତାରିଖରେ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ୧୯୬୫ ମସିହାରେ ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେଲା ଓ ଅକ୍ଟୋବର ୧୫ ରେ ପାରାଦ୍ୱୀପ ବନ୍ଦରକୁ ପ୍ରଥମ ଜାହାଜ ପ୍ରବେଶ କରିଥିଲା । ୧୯୬୬ ମସିହାରେ ଏହା ଏକ ବୃହତ୍ ବନ୍ଦର ରୂପେ ମାନ୍ୟତା ଲାଭକଲା । କଳିଙ୍ଗ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଉତ୍କଳୀୟ ବଣିକମାନଙ୍କର ସମୃଦ୍ଧ ପରମ୍ପରା ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ଚିରକାଳ ପାଇଁ ଲିପିବଦ୍ଧ ହୋଇରହିବ । ଅତୀତର ସେହି ନୌବାଣିଜ୍ୟ ପରମ୍ପରା ଓଡିଆର ଭାବଧାରା, ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତିର ଜୟ ଜୟକାର କଥା କହୁଥିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ - ୯୯୩୭୬୯୧୪୭୫




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

2023-2024
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservation as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

# ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

# ଗ୍ଲୋବାଲ ସ୍କୁଲ ଆୱାର୍ଡ଼ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ଼ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ଼ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରପରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

# ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି ।

# ମତୁଆ ଧର୍ମ ରୀତିରେ ଦୁଇଟି ବିବାହ କାର୍ଯ୍ୟ ସଂପନ୍ନ

ମାଲକାନଗିରି ।ତା: ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ପଟେରୁ ସ୍ଥିତ କେନ୍ଦ୍ରୀୟ ହରି ମନ୍ଦିର ପ୍ରାଙ୍ଗଣରେ ମତୁଆ ଧର୍ମ ର ରୀତି ନୀତି ଅନୁଯାୟୀ ସର୍ବଭାରତୀୟ ମୁତୁଆଚାର୍ଯ୍ୟ ରବିନ ବିଶ୍ୱାସଙ୍କ ପୌରହିତ୍ୟରେବର ସୁମନ ସରଦ୍ଦାରଙ୍କ ସହିତ କନ୍ୟା ନିତୀ ପାଲଙ୍କ ବିବାହ କାର୍ଯ୍ୟ ସଂପନ୍ନ ହୋଇ ଯାଇଛି ।ବିବରଣୀରୁ ପ୍ରକାଶ ଯେ ଏହି ବିବାହରେ ବିନା ବ୍ରାହ୍ମଣ, ବିନା ଜାତକ ଏବଂ ବିନା ଯୌତୁକରେ ଦୁଇ ପରିବାରଙ୍କ ସହମତିରେ ଗତ ୨୭ ତାରିଖ ଦିନ ପଟେରୁ ସ୍ଥିତ କେନ୍ଦ୍ରୀୟ ହରି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏମଭି-୯୦ ଗ୍ରାମର ନିର୍ମଳ ସର୍ଦ୍ଦାରଙ୍କ ପୁତ୍ର ସୁମନ ସର୍ଦ୍ଦାର ଏବଂ ଏମପିଭି- ୬୬ ଗ୍ରାମର ଖକନ ପାଲଙ୍କ କନ୍ୟା ନିତୀ ପାଲଙ୍କ ସହ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଏମଭି-୭୧ ଗ୍ରାମରେ ମତୁଆ ଗୋସାଇଁ ଜଗଦୀଶ ବୈରାଗୀ ଙ୍କ ପୌରହିତ୍ୟରେ ମତୁଆ ଧର୍ମ ର ରୀତିନୀତି ଅନୁସାରେ ଅନ୍ୟ ଏକ ବିବାହ କାର୍ଯ୍ୟ ଗତ ୨୮ ତାରିଖ ଦିନ ସଂପନ୍ନ ହୋଇ ଯାଇଛି । ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଜଗଦୀଶ ହାଲଦାରଙ୍କ କନ୍ୟା ବିଷ୍ଣୁ ପ୍ରିୟା ହାଲଦାର ଏବଂ କୃଷ୍ଣ ଚ଼ନ୍ଦ୍ର ସରକାରଙ୍କ



ପୁତ୍ର ଅମୃତ ସରକାର ।ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ନିଜ ଧର୍ମ ଓ ଧର୍ମ ଗୁରୁଙ୍କ ମତ ଅନୁସାରେ ସମସ୍ତ ସାମାଜିକ ସାଂସ୍କୃତିକ ରୀତି ନୀତି ପାଳନ କରିବାର ଅଧିକାର ରହିଛି । ଏଣୁ ବିନା ବ୍ରାହ୍ମଣରେ ମତୁଆ ରୀତି ନୀତି ଅନୁଯାୟୀ ଏହି ୨ ଗୋଟି ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇସାରିଛି । ଗୁରୁଚାନ୍ଦ ଚେତନା ମଞ୍ଚ ତରଫରୁ ଯିଏ ମତୁଆ ଧର୍ମ ରୀତିନୀତିରେ ବିବାହ ତଥା ଶ୍ରାଦ୍ଧ କ୍ରିୟା କରିବା ପାଇଁ ଆଶା ପ୍ରକଟ କରାନ୍ତି, ସେହି ପରିବାରଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ସଂଘ ସଭାପତି ଲକ୍ଷ୍ମଣ ଚ଼ନ୍ଦ୍ର ଘରାମୀ ଘୋଷଣା କରିଛନ୍ତି । ଏହି ବିବାହ କାର୍ଯ୍ୟରେ କେନ୍ଦ୍ରୀୟ ହରି ମନ୍ଦିର ପଟେରୁ ଧାମ ସଭାପତି ଅଶୋକ ହାଲଦାର, ସମ୍ପାଦକ ଆଶା ରଞ୍ଜନ ମାଲି,ଅନିମେଶ ମଣ୍ଡଳ, ଲକ୍ଷ୍ମଣ ଚ଼ନ୍ଦ୍ର ଘରାମୀ, ଶିଶିର ମଣ୍ଡଳ, ପ୍ରଦୀପ ତାପାଲୀ, ସୁରେଶ ଚ଼ନ୍ଦ୍ର ମଣ୍ଡଳ, ସତ୍ୟ ବେପାରୀ, ଆଶୁତୋଷ ବୈରାଗୀ, ବିଦ୍ୟୁତ ସରକାର, ପ୍ରକାଶ ଗୋସାଇଁ, ଗୌତମ ଡାଲି,ଚ଼ିତ ମିସ୍ତ୍ରୀ, ସମୀରଣ ଗାଇନ ଓ ଅରୂପ ହାଲଦାର, କେ. ଦେଶୀ ରାଜୁ ଅଚ଼ାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ ।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ।ୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ ୍ୱ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପ ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅ ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

